Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:235✦22 December 2025 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୩୫ ✦୨୨ ଡିସେମ୍ବର ୨୦୨୫ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

କର୍ଣ୍ଣାଟକରେ ବଦଳିବେ କି ମୁଖ୍ୟମନ୍ତ୍ରୀ ?

ଡିକେ କହିଲେ, ହାଇକମାଣ୍ଡ ଦିଲ୍ଲୀ ଡାକିଲେ, ଦୁଇ ନେତା ଯିବୁ

କର୍ଣ୍ଣାଟକ,୨୧/୧୨ : ବଡ଼ କଥା କହିବେଲେ ଡିକେ ଶିବକୁମାର । କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱ ବିବାଦ ଭିତରେ ଶିବକୁମାର ଶନିବାର କହିଛନ୍ତି ଯେ କଂଗ୍ରେସ ହାଇକମାଣ୍ଡ ଉଭୟ ନେତାଙ୍କୁ ଦିଲ୍ଲୀ ଡକାଇବା ବିଷୟରେ ସୂଚନା ଦେଇଛନ୍ତି । ତେଣୁ ହାଇକମାଣ୍ଡ ଡାକିଲେ ସେମାନେ ଦିଲ୍ଲୀ ଯାଇ ସେମାନଙ୍କ ସହ ସାକ୍ଷାତ କରିବେ । ଏହାସହିତ ସାୟାବିକମାନଙ୍କୁ ଶିବକୁମାର କହିଛନ୍ତି ଯେ, ' ଆପଣଙ୍କୁ ନ ଜଣାଇ ମୁଁ କୌଣସି ନିଷ୍ପତ୍ତି ନେବି ନାହିଁ । ମୁଁ ଗୁପ୍ତ ଭାବରେ କୌଣସି ସ୍ଥାନକୁ ଯିବି ନାହିଁ ' ବିଧାନସଭା ଅଧିବେଶନ ପରେ ଦିଲ୍ଲୀ ଯିବାର ସମ୍ଭାବନା ବିଷୟରେ ପଚରାଯିବାରୁ ସେ ଏହି ପ୍ରତିକ୍ରିୟା ଦେଇଥିଲେ । ଏହାସହିତ ହାଇକମାଣ୍ଡ ତାଙ୍କୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀକୁ ନିମନ୍ତ୍ରଣ କରିଛନ୍ତି କି ବୋଲି ପଚରାଯିବାରୁ ଶିବକୁମାର କହିଥିଲେ, 'ହାଇକମାଣ୍ଡ ଆମ ଉଭୟଙ୍କୁ ଫୋନ୍ ମାଧ୍ୟମରେ ଜଣାଇ ଦେଇଛନ୍ତି ଯେ ସେମାନେ ଆମକୁ ଯେବେ ଫୋନ୍ କରିବେ, ଆମେ ଦୁହେଁ ଯିବୁ । ସେମାନେ କହିଛନ୍ତି ଯେ ସେମାନେ ଉପଯୁକ୍ତ ସମୟରେ ଆମକୁ ଫୋନ୍ କରିବେ, ତେଣୁ ଆମେ ସେହି ଫୋନ୍ ପାଇଁ ଅପେକ୍ଷା କରିବୁ । 'ଶିବକୁମାରଙ୍କ କୟାନର ଗୋଟିଏ ଦିନ ପୂର୍ବରୁ, ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବିଧାନସଭାରେ କହିଥିଲେ ଯେ ସେ ତାଙ୍କ ପଦବୀରେ ରହିବେ । ସେ ଏହା ମଧ୍ୟ କହିଥିଲେ ଯେ କଂଗ୍ରେସ ହାଇକମାଣ୍ଡ ତାଙ୍କ ସପକ୍ଷରେ ଅଛନ୍ତି ଏବଂ ୨୦୨୩ ମସିହାରେ ତାଙ୍କ ଏବଂ ଶିବକୁମାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଚୁକ୍ତିନାମା ସମ୍ପର୍କରେ ସୁଜବ ଉଠିଥିଲା ଯେ ସେ କେବଳ ଅଢ଼େଇ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନିଆଯାଇ ନାହିଁ । ଶିବକୁମାର ଶୁକ୍ରବାର କହିଥିଲେ ଯେ ସେ ଏବଂ ସିଦ୍ଧରମୈୟା ହାଇକମାଣ୍ଡଙ୍କ ସମ୍ପୃକ୍ତି ସହିତ ଏକ ଚୁକ୍ତିନାମାରେ ପହଞ୍ଚିଛନ୍ତି ଏବଂ ଉଭୟ ଏହାକୁ ପାଳନ କରିବେ । ନଭେମ୍ବର ୨୦ ତାରିଖରେ କର୍ଣ୍ଣାଟକର କଂଗ୍ରେସ ସରକାର ତାର ୫ ବର୍ଷର କାର୍ଯ୍ୟକାଳର ମଧ୍ୟବର୍ତ୍ତୀ ପର୍ଯ୍ୟାୟ ସମାପ୍ତ କରିବା ପରଠାରୁ ରାଜ୍ୟରେ କ୍ଷମତା କଂଘର୍ଷ ତୀବ୍ର ହୋଇଛି । ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଚୁକ୍ତିନାମା ଯୋଗୁଁ ୨୦୨୩ ମସିହାରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନର ଗୁଜବ ତୀବ୍ର ହୋଇଛି । ଏହି ସମୟରେ, ଶନିବାର କିଛି ନାଗା ସାଧୁ ଶିବକୁମାରଙ୍କ ବାସଭବନକୁ ଯାଇ ତାଙ୍କୁ ଆଶୀର୍ବାଦ ଦେଇଥିଲେ । ଏଇ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଶିବକୁମାର ଶନିବାର ଏକ ଘରୋଇ ଅତିଥି ଭବନରେ ସିଦ୍ଧରମୈୟାଙ୍କ ନିକଟତର ବୋଲି ବିବେଚିତ ପୂର୍ବତନ ମନ୍ତ୍ରୀ ଏବଂ ବରିଷ୍ଠ ବିଧାୟକ କେ.ଏନ. ରାଜନ୍ନାଙ୍କ ସହ ସାକ୍ଷାତ କରିଥିଲେ । ଏହା ପୂର୍ବରୁ ଶିବକୁମାର ସିଦ୍ଧରମୈୟାଙ୍କ ସହଯୋଗୀଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ, ଯେଉଁଥିରେ ମନ୍ତ୍ରୀ ସତୀଶ ଜାରକିହୋଳି, ଡି. ପରମେଶ୍ୱର ଏବଂ କେ.କେ. ଜର୍ଜ ମଧ୍ୟ ସାମିଲ ଥିଲେ । ରାଜନ୍ନାଙ୍କ ସାକ୍ଷାତ ଗୁରୁତ୍ୱପୂର୍ଣ୍ଣ, କାରଣ ସେ ସ୍ୱଚ୍ଛ ଭାବରେ କହିଥିଲେ ଯେ ସିଦ୍ଧରମୈୟା ସମ୍ପୂର୍ଣ୍ଣ ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରହିବା ଉଚିତ, କାରଣ ସେ ବଳର ଦିଗଥର ବଳର ନେତା ନିର୍ବାଚିତ ହୋଇଥିଲେ । ସେ କହିଥିଲେ ଯେ ଶିବକୁମାର ୨୦୨୮ ବିଧାନସଭା ନିର୍ବାଚନରେ ଦଳର ନେତୃତ୍ୱ ନେଇପାରିବେ ଏବଂ ମୁଖ୍ୟମନ୍ତ୍ରୀ ହୋଇପାରିବେ । ସେ ଏହା ମଧ୍ୟ କହିଥିଲେ ଯେ ଯଦି ଶିବକୁମାର ମୁଖ୍ୟମନ୍ତ୍ରୀ ହୁଅନ୍ତି, ତେବେ ସେ ତାଙ୍କ କ୍ୟାବିନେଟରେ ମନ୍ତ୍ରୀ ରହିବେ ନାହିଁ ।

ନଦୀରେ ଛାତ୍ରଛାତ୍ରୀଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' ଆଲୋଚନା କରିଛନ୍ତି ମୋଦୀ

ନୂଆଦିଲ୍ଲୀ,୨୧/୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଙ୍କ ଆସାମ ଗସ୍ତ ସମୟରେ ବ୍ରହ୍ମପୁତ୍ର ନଦୀରେ ତିନି ଦେଢ଼ ବିଶିଷ୍ଟ ଛୁଲ୍ ଜାହାଜରେ ୨୫ ଜଣ ଛାତ୍ରଛାତ୍ରୀଙ୍କ ସହିତ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆସାମ ଗସ୍ତର ଦ୍ୱିତୀୟ ଦିନରେ ଆଜି ସକାଳେ ଏକ ଛୁଲ୍ ଜାହାଜରେ ବ୍ରହ୍ମପୁତ୍ର ନଦୀରେ ଯାତ୍ରା କରିଥିଲେ । ଏହି ଯାତ୍ରାରେ ସେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଆସାମର ବିଜିନ୍ନ ବିଦ୍ୟାଳୟର ମୋଟ ୨୫ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । 'ଏମ୍ ଭି ଚରାଇଦେଓ୍ୱ ୨' ନାମକ ଛୁଲ୍ ଜାହାଜରେ ପ୍ରାୟ ୪୫ ମିନିଟ୍ ଏହି ଆଲୋଚନା ହୋଇଛି ମୋଦୀ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉଦ୍ଭାଟିତ ହୋଇଥିବା ଆଭ୍ୟନ୍ତରୀଣ ଜଳ ପରିବହନର ଗୁଆହାଟୀ ଗେଟୱେ ଟର୍ମିନାଲରେ ମୋଦୀ ପହଞ୍ଚି ଥିଲେ । ପରେ ଭାସମାନ ସେତୁ ବେଳ ଜାହାଜଲୁଯାଇ ଆଲୋଚନା କରିଥିଲେ । ସୁରକ୍ଷା ପାଇଁ ସକାଳୁ ଆସାମ ନଦୀ ପୋଲିସ, ଏନଡ଼ିଆରଏଫ ଏବଂ ଏସଡ଼ିଆରଏଫ କର୍ମଚାରୀମାନେ ନଦୀରେ ପାଟ୍ରୋଲିଂ କରିଥିଲେ । ସମଗ୍ର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଥିଲା । ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶନିବାର ଠାରୁ ବ୍ରହ୍ମପୁତ୍ର ନଦୀରେ ଫେରି ସେବା ଦୁଇ ଦିନ ପାଇଁ ବନ୍ଦ ରଖାଯାଇଛି ।

ରାୟଗଡ଼ାରେ ସ୍ଥାପନା ହେବ ଏରୋସ୍ପେସ ଆଣ୍ଡ ଡିଫେନ୍ସ ମେନୁଫାକ୍ଚରିଙ୍ଗ ଫାସିଲିଟି

ରାୟଗଡ଼ା,୨୧/୧୨(ନି/ପ୍ର) : ବେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହୋଇଥିବା ମେଗା ରୋଡ ସୋ ଡିଫେନ୍ସ ନିବେଶକ ସମ୍ମିଳନୀରେ ରାୟଗଡ଼ା ଠାରେ ଏରୋସ୍ପେସ ଆଣ୍ଡ ଡିଫେନ୍ସ ମେନୁଫାକ୍ଚରିଙ୍ଗ ଫାସିଲିଟି ସ୍ଥାପନା ହୋଇଥିବା ନେଇ ବୁଧି ହୋଇଥିବା ଜଣାପଡିଛି । ଏହି ବୁଧି ସମୟରେ ପ୍ରିମିୟର ଏକ୍ସପ୍ଲୋଜିଭ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଟି ଭି ଗୋଟୁରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏନେଇ ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ସାମାଜିକ ଗଣମାଧ୍ୟମ ? 'ଏକ୍ସ' ରେ ଏହି ପ୍ରକଳ୍ପ ଦ୍ୱାରା ଡିଫେନ୍ସ ମେନୁଫେକ୍ଚରିଙ୍ଗ ଇକୋ ସିଷ୍ଟମ ଦୃଢ଼ୀକୃତ ହେବ ବୋଲି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ବଢ଼ାଳନ ଅବସରପ୍ରାପ୍ତ ବରିଷ୍ଠ ଆଇପିଏସ ସତ୍ୟବାଦୀ ସାହୁ ଉପସ୍ଥିତ ରହି ପ୍ରକଳ୍ପ ସଂପର୍କିତ ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଇସିଜଲର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ରହିଥିଲେ ।

ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ବୈଠକ

ଭୁବନେଶ୍ୱର,୨୧/୧୨(ନି/ପ୍ର): ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଶନିବାର ଖାରବେଳ ଭବନରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସାର୍ବଜନୀନ ପରିବହନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଜାରିରହି ଥିବା ସଂସ୍କାର ପ୍ରକ୍ରିୟା ଓ ଆଗାମୀ ପର୍ଯ୍ୟାୟର ରୂପରେଖ ଉପରେ ସମୀକ୍ଷା କରାଯାଇଥିଲା । ବୈଠକରେ ସହର ଓ ଗ୍ରାମାଞ୍ଚଳରେ ସେବା କ୍ଷମତା ବୃଦ୍ଧି, ସହଜ ଓ ଶସ୍ତା ପରିବହନ ସୁନିଶ୍ଚିତ କରିବା ସହ ଶେଷ ମାଇଲ୍ ସଂଯୋଗ ସୁଦୃଢ଼ କରିବାକୁ ଲକ୍ଷ୍ୟ କରି ବିଭିନ୍ନ ନୀତିଗତ ଓ ପ୍ରଚାଳନାତ୍ମକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଆଲୋଚ୍ୟ ବିଷୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଭୂମିକା, ଯେଉଁଠାରେ ଏସ୍‌ଏଚ୍‌ଜି ଲଣ୍ଡ୍ରିକାମାରେ ସେବା ପ୍ରଦାନକୁ ସୁଦୃଢ଼ କରିବା ସହ ମହିଳା ଆଜୀବିକାକୁ ପ୍ରୋତ୍ସାହନ ଦେଇଛନ୍ତି , ଟିକେଟ୍ ବଦ ପୁନଃନିର୍ଦ୍ଧାରଣ ଓ ଯାତ୍ରୀ ରିହାତି, ସହଜରୀ ଓ ଆର୍ଥିକ ସ୍ୱାୟତ୍ତ ମଧ୍ୟରେ ସମତୁଳନ ରଖିବା ପାଇଁ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ଜାରି ରଖିବା, ଯାହା ଶିକ୍ଷା ଓ ଗତିଶୀଳତାରେ ସମାନ ସୁଯୋଗ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସଂସ୍ଥାଗତ ବ୍ୟବସ୍ଥାର ପୁନଃସଂରଚନା, ସମନ୍ୱୟ, ନିରୀକ୍ଷଣ ଓ ଦାୟିତ୍ୱବୋଧ ସୁଦୃଢ଼ କରିବା; ବସ୍ ରୁଟ୍ ଗୁଡ଼ିକର ଯୁକ୍ତିସଂଗତ

ଡିସେମ୍ବର ୨୯ରେ ସମସ୍ତ ବିଜୁଳି ଅଫିସ ଘେରାଓ କରାଯିବ :ପିସିସି ସଭାପତି

ଭୁବନେଶ୍ୱର,୨୧/୧୨(ନି/ପ୍ର): ଓଡିଶାବାସୀଙ୍କୁ ନିବେଦନ କରି ପିସିସି ସଭାପତି ଭକ୍ତ ଦାସ କହିଛନ୍ତି, ଟାଟା ଯଦି ବନ୍ଦ କରିନି ଅତିରିକ୍ତ ସିକ୍ୟୁରିଟି, ତେବେ ଡ଼ିସେମ୍ବର ୨୬ରେ ସମସ୍ତ ଜିଲ୍ଲା ହେଡ଼କ୍ୱାର୍ଟରରେ ଧାରଣା ଦିଆଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେବେ କଂଗ୍ରେସ । ସେହିପରି ଟାଟା ପାଓ୍ୱାର ବିଦା ନ ହେବା ଯାଏଁ ଆଉନ ଅନ୍ୟାନ୍ୟ ଆନ୍ଦୋଳନ ହେବ । ଡିସେମ୍ବର ୨୯ରେ ସମସ୍ତ ବିଜୁଳି ଅଫିସ ଘେରାଓ କରାଯିବ । ସେହିପରି ଟାଟା ପାଓ୍ୱାର ଜନବିରୋଧୀ କାମ କରୁଛି ଏବଂ ଉପଭୋକ୍ତାଙ୍କୁ ଶୋଷଣ କରୁଛି । ଟାଟା ଲୋକଙ୍କୁ ବୋନସ ଦେବା କଥା । ହେଲେ ଟାଟାର ବେଆଇନ କାମକୁ ଆଉ ବରଦାସ୍ତ କରି ହେବନି । ତେଣୁ ଅତିରିକ୍ତ ସୁରକ୍ଷା ଜମା ଟାଟାକୁ ନଦେବାକୁ କହିଛନ୍ତି । ସେହିପରି ଗତବର୍ଷ ଧାନ କିଣାରେ ଦୁଇ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା ବୋଲି ଅଭିଯୋଗ ଆଣିଛନ୍ତି ପିସିସି ସଭାପତି । ଏବର୍ଷ ମଧ୍ୟ ଚାଷୀଙ୍କୁ ଟୋକନ ଦିଆଯାଇ ନାହିଁ । ଖୁଲମ ଖୁଲା ଜଟମୀ ଜଟମୀ ଚାଲିଛି । ୮୦୦ ଟଙ୍କା ବୋନସ ଦେଇ ପାଉନାହାନ୍ତି ସରକାର ।ଡିଷ୍ପେସ ସେଲ ଯେମିତି ହବ ସମିତି ପରିସ୍ଥିତି ସୃଷ୍ଟି କରୁଛନ୍ତି ସରକାର । ତେଣୁ ଧାନ ସଂଗ୍ରହରେ ପଶ୍ଚିମ ଓଡିଶାରୁ ଦକ୍ଷିଣ ଓଡିଶାରେ ଦୁର୍ଗାର ଆନ୍ଦୋଳନ କଂଗ୍ରେସ କରିବ ବୋଲି ଭକ୍ତ ଦାସ ସୂଚନା ଦେଇଛନ୍ତି ।

ଶୁଭାଂଶୁ ଶୁକ୍ଲାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ଶୁଭାଂଶୁ

ନୂଆଦିଲ୍ଲୀ ୨୧/୧୨ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭାରତର ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ(ଆଇଏସଏସ)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ କାଳରେ ଶ୍ରୀ ପ୍ରଧାନ ଶୁଭାଂଶୁଙ୍କ ଦୁଃସାହସିକ ମହାକାଶ ଯାତ୍ରାକୁ ପ୍ରଶଂସା କରିବା ସହ ତାଙ୍କୁ ଦେଶର କୋଟି କୋଟି ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି । ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ କିଭଳି ଭାବେ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ସ୍ତରରେ ସାମିଲ କରାଯାଇ ପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆଜି ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି । ଏହି ସଂସ୍କାରକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ 'ସ୍ପେସ୍ ପ୍ରଫେସନାଲ୍' ଭାବେ ଗଢ଼ିତୋଳିବା ଆମର ପ୍ରାଥମିକତା । ଏହି ସାକ୍ଷାତକାର ଶିକ୍ଷା କ୍ଷେତ୍ରରେ ନୂତନ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ଚିଲିକାରେ ବୁଡି ପର୍ଯ୍ୟଟକ ମୃତ

ବ୍ରହ୍ମଗିରି,୨୧।୧୨(ନି/ପ୍ର): ଚିଲିକାରେ ବୁଡି ପର୍ଯ୍ୟଟକ ମୃତ । ମୃହାଣ ନିକଟରେ ଗାଧୋଇବା ବେଳେ ବୁଡି ଯାଇ ପର୍ଯ୍ୟଟକଙ୍କ ମୃତ୍ୟୁଘଟିଛି । ମୃତକ ପର୍ଯ୍ୟଟକ ଜଣକ ହେଲେ ଝାଡଖଣ୍ଡର କୁଶଗ୍ର ଦିବ୍ୟ ।ସେ ଭୁବନେଶ୍ୱରର ଏକ କମ୍ପାନୀରେ କାମ କରୁଥିଲେ ।

ଶୀତରେ ଥରୁଛି ସାରା ରାଜ୍ୟ

ଭୁବନେଶ୍ୱର,୨୧/୧୨(ନି/ପ୍ର): ସାରାରାଜ୍ୟରେ ଜାରିରହିଛି ଶୀତଲହରୀ । ଜଳମାଳ ଜିଲ୍ଲାରେ ମଧ୍ୟ ପ୍ରଚଣ୍ଡ ଥଣ୍ଡା । ମାସେରୁ ଊର୍ଦ୍ଧ୍ୱସମୟ ହେବ ଶୀତ ଲହରୀ ସାଲାଭୁଗନ ଶୁଖିଲା ପାଗବେଳକୁ ଶୁଖିବେଳା ସହ ପ୍ରଚଣ୍ଡ ଶୀତ ଭୁଲୋକ ଜଳବଳ କରୁଛି । ସତ୍ତା ନଛଁଲେ ଶୀତର ପ୍ରକୋପ ବଢ଼ିଚାରେ ଲାଗୁଛି । ରାତିରେ ଯେତେ ବଢୁଛି, ଜାଡ଼ ସେତେ ଅଧିକ ହେଉଛି । ଜି. ଉଦୟଗିରି ସହରର



ତାପମାତ୍ରା ୪ରୁ ୫ଡିଗ୍ରି ରହୁଥିବା ବେଳେ ବାଡିଙ୍ଗାବାଡି, ପୁଲବାଣୀ, ବାଲିଗୁଡ଼ା, ବେଲଘର୍ ସମେତ ଜିଲ୍ଲା ତମାମ ୬ରୁ୮ ଡିଗ୍ରୀ ମଧ୍ୟ ରେ ତାପମାତ୍ରା ରହୁଥିବା ରେକର୍ଡ଼ କରାଯାଇଛି । ଗତ ମାସେ ହେବ ଶୀତ କମିବାର ନାଁ ନେଉନି । ନବରଙ୍ଗପୁର ସହର ଓ ବ୍ଲକ ସମେତ ଚେନ୍ନୁଲିଗୁଡ଼ି, ନନ୍ଦାହାଣ୍ଡି, ଜୋଖାଗୁଡ଼ା, ପାପଡାହାଣ୍ଡି, ଜମରକୋଟ, ଡୀଗୁଗାଁ, ରାଇଗର, ଓରିଗାଁ ଆଦିକୁଳ ଅଂଚଳରେ ଭୀଷଣ ଥଣ୍ଡା ଅନୁଭୂତ ହେଉଛି ।

ଜୋହାନ୍ସବର୍ଗ ସୁନା ଖଣି ନିକଟବର୍ତ୍ତୀ ବସ୍ତିରେ ଆଖିବୁଜା ଗୁଳିମାଡ଼:

୩ ଶିଶୁଙ୍କ ସମେତ ୧୧ ମୃତ

ଜୋହାନ୍ସବର୍ଗ,୨୧/୧୨ : ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଏକ ବଡ଼ ଆକ୍ରମଣ ଘଟିଛି । ଜଣେ ବ୍ୟକ୍ତି ଆଖିବୁଜା ଗୁଳି ଚଳାଇ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ତିନି ଜଣ ପିଲା ମଧ୍ୟ ଅଛନ୍ତି । ଆକ୍ରମଣକାରୀମାନେ ଅଜ୍ଞାତ ବନ୍ଧୁକଧାରୀ ଥିଲେ ।ସେମାନେ ଆଖିବୁଜା ଗୁଳି ଚଳାଇ ପଳାଇ ଯାଇଥିଲେ । ପୁଲିସ ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛି । ତବେ ଜାରି ରହିଛି । ଏପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡ଼ି ନାହିଁ । ଗୌତେଙ୍ଗ ପ୍ରଦେଶ ପୁଲିସ ମୁଖପାତ୍ର ଡ୍ରିଗେଡିୟର ଡ୍ରେଣ୍ଡା ମୁରିବିଲି କହିଛନ୍ତି ଯେ ଜୋହାନ୍ସବର୍ଗର ୪୦ କିଲୋମିଟର (୨୫ ମାଇଲ) ଦକ୍ଷିଣ-ପଶ୍ଚିମରେ ବେକର୍ସଡେଲ୍ ଅଞ୍ଚଳରେ ଏହି ଆକ୍ରମଣ ଘଟିଛି । ଅଜ୍ଞାତ ବନ୍ଧୁକଧାରୀମାନେ ସୁନା ଖଣି ନିକଟରେ ଥିବା ଏକ ବସ୍ତିର ବାସିନ୍ଦାଙ୍କ ଉପରେ ଅତାନକ ଗୁଳି ଚଳାଇଥିଲେ । ପୀଡିତମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ, କିନ୍ତୁ ଆହତମାନେ କହିଛନ୍ତି ଯେ, ସେମାନେ ଆକ୍ରମଣକାରୀଙ୍କୁ ଦେଖିଥିଲେ, ଯେଉଁମାନେ ପଛରୁ ସେମାନଙ୍କ ଉପରେ ଗୁଳି ଚଳାଇଥିଲେ । ଏହା ଏକ ମାସ ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ଦ୍ୱିତୀୟ ଗୁଳିକାଣ୍ଡ । ପୂର୍ବରୁ, ଡିସେମ୍ବର ୬ ତାରିଖରେ, ଅଜ୍ଞାତ ବନ୍ଧୁକଧାରୀମାନେ ରାଜଧାନୀ ପ୍ରିଟୋରିଆ ନିକଟରେ ଏକ ହଷ୍ଟେଲରେ ଆକ୍ରମଣ କରିଥିଲେ, ଯେଉଁଥିରେ ୩ବର୍ଷର ଶିଶୁସମେତ ୧୨ ଜଣଙ୍କୁ ହତ୍ୟା କରାଯାଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଥିଲା ଯେ, ଗୁଳିକ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

୪୨ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ,ଓଷ୍ଟା ଉଦଘାଟିତ

କେନ୍ଦୁଝର,୨୧/୧୨(ନି/ପ୍ର): ଶିଶୁ ମୁହଁରେ ହସ ଫୁଟାଇବାର ପ୍ରୟାସ ନେଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କେନ୍ଦୁଝର ଆଜି ତାହାର ୪୨ ତମ ଶିଶୁ ଉତ୍ସବ ଏନ୍.ଏସ୍.ପୋଲିସ୍ ହାଇସ୍କୁଲ ଠାରେ ମହାସମାରୋହରେ ଉଦଘାଟିତ ହୋଇଯାଇଛି ।ଓଷ୍ଟା କେନ୍ଦୁଝରର ସଭାପତି ମନୁଅନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଏହି ଉତ୍ସବର ଭରପୁର ସୁଯୋଗ ଦେବାକୁ ଉପଦେଶ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ଚେଲବୋର ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଯୋଗ ଦେଇ ଶିଶୁ ଉତ୍ସବ ମାଧ୍ୟମରେ ସେମାନଙ୍କର ପ୍ରତିଭା ବିକାଶ କରିବା ପାଇଁ ଓଷ୍ଟାର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ ।ସ୍ୱାଗତ୍ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା ଛାତ୍ର ଛାତ୍ରୀମାନଙ୍କୁ ରାଜ୍ୟସ୍ତରରେ ଜିଲ୍ଲାର ଗରିମା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ ।ଅନ୍ୟତମ ସ୍ୱାଗତ୍ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ଓଷ୍ଟାର ବିଜିନ୍ନ ଛାତ୍ର କଳ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରଶଂସା କରିଥିଲେ ।ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ ଏହି ଶିଶୁ ଉତ୍ସବ ପ୍ରତିଭା ଅନ୍ୱେଷଣର ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ଅଭିବ୍ୟକ୍ତି ରଖିଥିଲେ ।ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ଓଷ୍ଟା ଭିକାରୀ ଚରଣ ସାହୁ,ରାଜ୍ୟ ସହ ସମ୍ପାଦକ ଓଷ୍ଟା ମୃତ୍ୟୁଞ୍ଜୟ ପଲେଇ ଏବଂ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଜ୍ଞାନେନ୍ଦ୍ର ଦେଓ ଓଷ୍ଟା ଶିଶୁ ଉତ୍ସବର ଐତିହ୍ୟ ଓ ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ ।ଜିଲ୍ଲା ସମ୍ପାଦକ ଓଷ୍ଟା ରଞ୍ଜନ କୁମାର ଘଡ଼େଇ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବିଭିନ୍ନ କୁଳରେ ଅନୁଷ୍ଠିତ ହୋଇଥିବା ଶିଶୁ ଉତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ।ସଭାପତି ମନୁଅନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଏହି ଉତ୍ସବର ଭରପୁର ସୁଯୋଗ ନେବାକୁ ଉପଦେଶ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ଚେଲବୋର ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଯୋଗ ଦେଇ ଶିଶୁ ଉତ୍ସବ ମାଧ୍ୟମରେ ସେମାନଙ୍କର ପ୍ରତିଭା ବିକାଶ କରିବା ପାଇଁ ଓଷ୍ଟାର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ ।ସ୍ୱାଗତ୍ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା ଛାତ୍ର ଛାତ୍ରୀମାନଙ୍କୁ ରାଜ୍ୟସ୍ତରରେ ଜିଲ୍ଲାର ଗରିମା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ ।ଅନ୍ୟତମ ସ୍ୱାଗତ୍ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ଓଷ୍ଟାର ବିଜିନ୍ନ ଛାତ୍ର କଳ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରଶଂସା କରିଥିଲେ ।ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ ଏହି ଶିଶୁ ଉତ୍ସବ ପ୍ରତିଭା ଅନ୍ୱେଷଣର ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ଅଭିବ୍ୟକ୍ତି ରଖିଥିଲେ ।ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ଓଷ୍ଟା ଭିକାରୀ ଚରଣ ସାହୁ,ରାଜ୍ୟ ସହ ସମ୍ପାଦକ ଓଷ୍ଟା ମୃତ୍ୟୁଞ୍ଜୟ ପଲେଇ ଏବଂ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଜ୍ଞାନେନ୍ଦ୍ର ଦେଓ ଓଷ୍ଟା ଶିଶୁ ଉତ୍ସବର ଐତିହ୍ୟ ଓ ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ ।ଜିଲ୍ଲା ସମ୍ପାଦକ ଓଷ୍ଟା ରଞ୍ଜନ

ଆକ୍ଟିଙ୍ଗ ୱାର୍କସପ ଉଦଘାଟିତ

କେନ୍ଦୁଝର,୨୧/୧୨(ନି/ପ୍ର): ନେସନାଲ୍ ସ୍କୁଲ ଅଫ୍ ଡ୍ରାମା ଏବଂ କେନ୍ଦୁଝରର ଅନ୍ୟତମ ଡ୍ୟାନ୍ସ ଏକାଡ଼େମୀ ସ୍ପିରିଟଜା ଆକୁଲ୍ୟରେ କେନ୍ଦୁଝର ରେ ଉଦଘାଟିତ ହେଲା ଆକ୍ଟିଙ୍ଗ ୱାର୍କସପ । ଏହି ଉଦ୍ଘାଟନୀ ଉତ୍ସବ ରେ ନେସନାଲ ସ୍କୁଲ ଅଫ ଡ୍ରାମା ର କୁଳ ସଚିବ ପ୍ରବୀପ କୁମାର ମହାନ୍ତି ,ଅତିରିକ୍ତ ଏସପି ଜ୍ୟୋତିର୍ମୟ ଭୁଞ୍ଜା ଅତିଥି ରୂପେ ଯୋଗ ଦେଇଥିଲେ ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦୁଝର ଜିଲ୍ଲାର ୩୦ ଜଣ କଳାକାରଙ୍କୁ ଏଠାରେ ସୁନାମଧନ୍ୟ ଏନଏସଡି ର ଚାଲିମ ପ୍ରାପ୍ତ ପ୍ରଶିକ୍ଷକ ଙ୍କ ଦ୍ୱାରା ପ୍ରଶିକ୍ଷଣ ଦେବା ପରେ ସମାପନ କାର୍ଯ୍ୟକ୍ରମ ଲୁଚ୍ଛାୟିତ ପ୍ରତିଭା ମାନଙ୍କୁ ଉନ୍ନତ ମାନ ର ଶିକ୍ଷା ମିଳୁ ଏହା ହି ସ୍ପିରିଟଜା ଏକାଡେମୀ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଏକାଡେମୀ ର ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଗତିକା ମହାନ୍ତି କହିଛନ୍ତି । ଏହି ପ୍ରୋଗ୍ରାମ କୁ ସଫଳ କରାଇବା ରେ ଆର୍ଯ୍ୟାନ୍ଦ୍ରାଗ୍ରାଜ, ବଳଭଦ୍ର ପାଢ଼ା, ଚିତ୍ରରଞ୍ଜନ ବେହେରା ଏବଂ ଶୁଭେନ୍ଦୁ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ ।

ଦୁଇ ବିଦ୍ୟାଳୟରେ ବାର୍ଷିକ କ୍ରୀଡା

ଭଦ୍ରକ,୨୧/୧୨(ନି/ପ୍ର): ଭଦ୍ରକ ଜିଲ୍ଲା ଚାରିଗାଁ ପଞ୍ଚାୟତ ଚକ୍ରାପାଢୀ ସରକାରୀ ଉ.ପ୍ରା ବିଦ୍ୟାଳୟରେ ୨ ଦିନ ବ୍ୟାପି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ କବିତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବକ୍ତ ସହଯୋଗୀ ଶିକ୍ଷାଧିକାରୀ ଭାଗିରଥୀ ପାତ୍ର ,ସମ୍ମାନିତ ଅତିଥି ଭାବେ ଚାରିଗାଁ ସମିତିସଭ୍ୟ ଧରଣୀଧର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ , ପୂର୍ବତନ ସରପଂଚ ବନମାଳୀ ବେହେରା, ପଂଚଖଣ୍ଡା ଶିକ୍ଷା ସେବୁର ସଭାପତି ଜୟଦେବ ସାହୁ,ବରିଷ୍ଠ ନାଗରିକ ପର୍ଶୁରାମ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡାର ଉପଦେଯତା ବିଷୟରେ ମତବ୍ୟକ୍ତ କରିଥିଲେ ।

ସଂଘର୍ଷ ହିଁ ସଫଳତା

କେନ୍ଦୁଝର,୨୧/୧୨(ନି/ପ୍ର):କେନ୍ଦୁଝର ଜିଲ୍ଲାର ଘରେ ଘରେ ସିଟିଜି ଆଜି ଏକ ବ୍ରାଣ୍ଡ ନାମ ପାଲଟି ଯାଇଛି, ଏହି ସିଟିଜି ର ପ୍ରାଣପ୍ରତିଷ୍ଠାତା (ଛୋଟୁ ସାର)ଡକ୍ଟର ରାଜେନ୍ଦ୍ର କୁମାର ପଲେଇ ପିଲାଟି ବେଳୁ ସଂଘର୍ଷ କରୁଥିଲେ ପରିବାର ପାଇଁ କେମିତି ଗଣ୍ଡେ ଅନ୍ନ ଯୋଗାଡ଼ ହୋଇପାରିବ, ପାଠ ଚାଲିଥିବାବେଳେ ଏକ ନୂଆଣିଆ ଘରେ ଦୁଇ ତାରୋଟି ପିଲା ଯୋଗାଡ଼ କରି ଆରମ୍ଭ କରିଥିଲେ ଟିଉସନ, ଏହି ଟିଉସନ ରୁ ସୁକୁରାଣ ମେଟାଂଉଥିବା ବେଳେ ଫାଇନାଲ ପରୀକ୍ଷାରେ ପିଲାଙ୍କ ସଫଳତା ଦେଖି ଉତ୍ସାହିତ ହୋଇପଡନ୍ତି, ଅଭିଭାବକ ମାନେ ଖୁସି ହୁଅନ୍ତି ଧିରେ ଧିରେ ଟିଉସନ କୁ ଛାତ୍ର ଛାତ୍ରୀ ମାନଙ୍କ ଆଗମନ ର ମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଏ , ଛୋଟୁ ଙ୍କ ପରିଶ୍ରମ ବୃଦ୍ଧି ପାଏ , ଏହି ସମୟରେ ବାପା ଭଗବାନ ପଲେଇ ଆଉ ମା ସୁଭଦ୍ରା ପଲେଇ ଦିହେଁ ଛୋଟୁ କୁ ଉତ୍ସାହିତ କରନ୍ତି, ସହର ର ପିଲାମାନଙ୍କୁ ଜଜମାନ ର ଶିକ୍ଷାଦାନ ଦେବାକୁ ବାପା ମା ଙ୍କ କଥା ଆଉ ସ୍ୱପ୍ନ କୁ ସାକାର କରିବାକୁ ବଦ୍ଧ ପରିକର ହୋଇ ଛୋଟୁ ୧୯୯୮ରେ ଆରମ୍ଭ କରନ୍ତି 'କତେକ ଅଫ ଟିଚିଂ ଗ୍ରୁପ ' ଏକ ଛୋଟିଆ ଘରେ ସନ୍ଧେ ଖାଇଦେଇ ରାତି ଯାଏଁ ବିଭିନ୍ନ ପର୍ଯ୍ୟାୟ ରେ ପିଲାଙ୍କୁ ନିରନ୍ତର ପଢାଇ ଚାଲନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ଭାବ କୁ ଠିକ ଭାବରେ ବୁଝି ,ଧିରେ ଧିରେ ଭଦ୍ରା ଘରେ ଚା ପରେ ଧାର କରଜ କରି ନିଜର ଖଣ୍ଡେ ଘର କରି ସେଇଠି ପଢ଼ାଇବା କାରି ରଖନ୍ତି, ସହଯୋଗ କରିବାକୁ ଜିଛି ଶିକ୍ଷିତ ଯୁବକଙ୍କୁ ମଧ୍ୟ ସାଥିରେ ରଖି ନିଅନ୍ତି , ଉଚମାନ ର ଶିକ୍ଷାଦାନ ଶୈଳୀ , କମ ଟିଉସନ ଫି ଯୋଗୁଁ ଧିରେ ଧିରେ ଛାତ୍ର ଛାତ୍ରୀ ଅଭିଭାବକ ମାନେ ଆକୃଷ୍ଟ ହୁଅନ୍ତି ସିଟିଜି ପ୍ରତି, ଆଉ ଆଜି ସିଟିଜି ର ବିଶାଳ ଏକତ୍ର ଛାତ ତଳେ ୧୨୫୬ରୁ ଊର୍ଧ୍ୱ ଛାତ୍ର ଛାତ୍ରୀ, ୮୩ରୁ ଊର୍ଧ୍ୱ ଅଭିଜ୍ଞ ଶିକ୍ଷକ ଙ୍କୁ ନେଇ ସ ଗୌରବେ ଆଗେଇଚାଲିଛି ବିଶ୍ୱବିଦ୍ୟାଳୟ ସ୍ତରରେ ୯୯%ପାସ ହାର ନେଇ, କିଛି ଦୂର ଦୁରାନ୍ତ ପିଲାଙ୍କୁ ଏହାର ଛାତ୍ରାବାସ ହଷ୍ଟେଲ ରେ ରଖି ଶିକ୍ଷାଦାନ ଦିଆ ଯାଇପାରୁଛି ସ୍ୱଳ୍ପ ଖର୍ଚ୍ଚ ସହିତ ଗରୀବ ଛାତ୍ରଙ୍କୁ ମାଗଣାରେ ଡିୟୋ (ବାଇଗଣୀପରୀ)ସିଟିଜି ଶିକ୍ଷାନିକେତନ ରେ +୨,+୩ଶାଳା, ବିଜ୍ଞାନ, ବାଣିଜ୍ୟ ରେ ଏଥି ସହିତ ଏମବିଏ, ଏମସିଏ, ଏମଏସଡବ୍ଲୁ, ଏମ୍ଏଏଫଏସ, ବିବିଏ, ବିସିଏ, ବିଏଲଆଇବି, ସହିତ ଜୀଏନଏମ ନର୍ସିଂ, ବିଏସସି ନର୍ସିଂ, ପାଠ୍ୟକ୍ରମ ମଧ୍ୟ ସଫଳତା ର ସହିତ ସମ୍ପାଦନ କରାଯାଉଛି, ବିଗତ ବର୍ଷ ରୁ ସିଟିଜି ବିଦ୍ୟାମନ୍ଦିର ରେ ଡିଡ଼ିଆ ମାଧ୍ୟମ, ସିଟିଜି ଗ୍ଲୋବାଲ ରେ ଇଂରାଜୀ ମାଧ୍ୟମରେ ଛୁଟି କୁଳି ପିଲାଙ୍କୁ ଆଧୁନିକ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଶିକ୍ଷାଦାନ କରାଯାଇ ଏକ ମାଇଲଖୁଣ୍ଟ ସ୍ଥାପନ କରାଯାଇପାରିଛି , କେନ୍ଦୁଝର ରେ ଏକ ଶିକ୍ଷା ହବ ସୃଷ୍ଟି ର ସ୍ୱପ୍ନ ଦେଖୁଥିବା ରାଜେନ୍ଦ୍ର ଏହାକୁ ବାସ୍ତବତାର ରୂପ ଦେବାକୁ ଅନେକ ସଂଘର୍ଷ କରି ସଫଳତା ର ଦିଗକୁ ପାଦ ବଢ଼ାଇ ଶୀର୍ଷ କୁ ପହଂଚିବାର ନିଜତବର୍ତ୍ତୀ, ଅନେକ ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନା କୁ ହସ ହସ ବଦନ ରେ ଗ୍ରହଣ କରି ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଧାୟକ ବୃନ୍ଦ, ବିଶିଷ୍ଟ ଶିକ୍ଷାବିତ ମାନଙ୍କ ସମ୍ମୁଖରେ ନିଜର ଆଭିମୁଖ୍ୟ ରଖି ଅନେକ ପ୍ରଶଂସା ଲାଭ କରିଛନ୍ତି, ତାଙ୍କର ସ୍ୱପ୍ନ କେନ୍ଦୁଝର ମାଟି, ପାଣି, ପବନ ର ମଣିଷ ମାନେ ବାୟାବ ମାନେ ଶିକ୍ଷିତ ହୁଅନ୍ତୁ ଅଶିକ୍ଷା ର କୁସଂସ୍କାର ରୁ ଦୂରେଇଯାନ୍ତୁ , ଛେବକ ଏଇଠି ସବୁଠାହିଁ ଛୋଟୁ ଙ୍କ ଅଭିଳାଷ , ପ୍ରତିଦିନ ଆରମ୍ଭ ରେ ବେଦ ବନ୍ଦନା ସହିତ ରାଷ୍ଟ୍ର ଗାନ କୁ ନିଜର ମାଣ୍ଡାଟୋରି କରିନେଇ ଦେଶପ୍ରେମ ଜାତି ପ୍ରେମ ର ଅନନ୍ୟ ନିଦର୍ଶନ,ସୃଷ୍ଟି କରୁଛନ୍ତି , ଏଇଠି ସୀମିତ ନରହି ସମାଜ ସେବା କୁ ବି ବ୍ରତ ଭାବେ ଧରିନେଇ ଛନ୍ତି ନିଜ ଧର୍ମପତ୍ନୀ ସୁଭଦ୍ରା ପଲେଇ ଆଉ ବୁଲ ପୁତ୍ର ରାଜୀବ ରଞ୍ଜନ ,ରଣ୍ଜୀ ରଞ୍ଜନ ଙ୍କ ସହିତ, ରୋଟାରୀକୁବ ସମ୍ପାଦକ, ସଭାପତି ପଦ ପରେ ଏବଂ ରୋଟାରୀ ଡିଷ୍ଟ୍ରିକ୍ଟ ଅଭିଶାଂଶ ଗଭାର୍ଣ୍ଣର ଭାବେ ନିଜର ଦକ୍ଷତା ପ୍ରତିପାଦନ କରି ଦିନରାତି ଏକଜରି ସରାବ ଙ୍କ ନିକଟରେ ପଙ୍ଗଂତି ସହାୟତା ର ହାତ ବଢ଼ାଇଛନ୍ତି ଅଳ୍ପେ ଚିନ୍ତ ରେ କୋଭିଡ ମହାମାରୀ ହେଉ, ଫାଇଲିନ ହେଉ ଜି ହୁଡହୁଡ ହେଉ ସବୁଠି ନିଜକୁ ଉପସ୍ଥାପିତ କରିଛନ୍ତି ନିସ୍ୱାର୍ଥ ଭାବରେ, ପ୍ରତିବର୍ଷ ସିଟିଜି ର ବାର୍ଷିକ ମହୋତ୍ସବ ରେ ହଜାର ହଜାର ଛାତ୍ର ଛାତ୍ରୀ, ଅଭିଭାବକ, ବିଶିଷ୍ଟ ବ୍ୟକ୍ତି ବିଶେଷ, ଙ୍କ ସମ୍ମୁଖରେ ପିତା ମାତା ଙ୍କ ଉପସ୍ଥିତି ରେ ନିଃସଙ୍କୋଚ ରେ ନିଜର ସଂଘର୍ଷ ର କଥା କହିଥାନ୍ତି ଦୋହଲା ଜଣ ରେ ଉଦ୍ଦେଶ୍ୟ ଆମାମୀଡ଼ି କିଛି ଶିକ୍ଷାଲାଭ କରୁ ଜାଣୁ ବିନା ସଂଘର୍ଷ ରେ ସଫଳତା ଆସେନାହିଁ, ନିରନ୍ତର ପ୍ରଚେଷ୍ଟା ହିଁ ସଫଳତା,, ସଫଳ ବ୍ୟକ୍ତି ହିଁ ସମାଜର ଦେଶ ର ଜାତିର ପ୍ରେରଣା ର ସ୍ରୋତ ପାଲଟିଯାଇଥାଏ, ଅନ୍ୟମାନଙ୍କ ପାଇଁ, ଉଦାହରଣ ସାଜିଯାଏ , ଯାହାର ଜୀବନ ଉଦାହରଣ ତଙ୍କର ରାଜେନ୍ଦ୍ର ପଲେଇ ।

ସୁନାବେଡ଼ା ଅଭୟାରଣ୍ୟ ନୂଆପଡ଼ା ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସତନ୍ତ୍ର ସ୍ଥାନ

ନୂଆପଡ଼ା,୨୧/୧୨(ନି/ପ୍ର):ସମୁଦ୍ର ପତନରୁ ତିନି ହଜାର ଫୁଟ ଉଚରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସୁନାବେଡ଼ା ଅଭୟାରଣ୍ୟ ନୂଆପଡ଼ା ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସତନ୍ତ୍ର ସ୍ଥାନ ଅଧିକାର କରିଛି ।ସୁନାବେଡ଼ା ଅଭୟାରଣ୍ୟ ଛତିଶଗଡ଼ ଏବଂ ଓଡ଼ିଶା ରାଜ୍ୟର ପାଟେରୀ ସବୁଶ୍ୟ ଛିଡ଼ା ହୋଇ ରହିଛି । ୬ ଶହ ବର୍ଗ କିମି ଆୟତନ ବିଶିଷ୍ଟ ଙ୍ଗଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଉପତ୍ୟକା । ବିରାଟ ଗିରି ଶୃଙ୍ଗ ମୁକୁଟ ପରି ଶୋଭା ପାଉଥିବା ବେଳେ ୧୧ଟି ଛୋଟ ବଡ଼ ଜଳପ୍ରପାତ ପର୍ଯ୍ୟଟକଙ୍କ ମନମୋହି ନେଉଛି । ସତେ ଯେମିତି ଲାଗେ ପ୍ରକୃତିରାଣୀ ତା'ର ପଣତକୁ ଖୋଲି ଦେଇ ବସିଛି । ସୁନାବେଡ଼ା ଉପତ୍ୟକାର ଜତିହାସର ମୂକସାକ୍ଷୀ ହେଉଛି ମାରାଗୁଡ଼ା ଉପତ୍ୟକା । ରଏବାଣ ସାରର ପକ୍ଷୀ ବିହାର, ଜୁମଲାଗଡ଼ ଦୁର୍ଗ ଓ ମାରାଗୁଡ଼ା ଉପତ୍ୟକା ଭଳି ଐତିହାସିକ ସ୍ଥାନ, ସୁନାଦେବ ମନ୍ଦିର, ରାଣୀ ମୁହାଁସ ଓ ବାମନଗିରି ଭଳି ଧାର୍ମିକ ପୀଠ ରହିଛି ଏହି ଉପତ୍ୟକାରେ । ସେହିପରି ଗୋଧସ, ବେନିଆଧସ, ଖରଲଧସ, ରୁପିଆନ ଭଳି ୧୧ଟି ଜଳପ୍ରପାତ ସୁନାବେଡ଼ାଉପତ୍ୟକାର ପ୍ରାକୃତିକ ଶୋଭା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି । ସୁନାବେଡ଼ା ଉପତ୍ୟକାରେ ରହିଛି ୧୧ଟି ୧୭ଟି ଚିରସ୍ରୋତା ଓ ଖରସ୍ରୋତା ଜଳପ୍ରପାତ ଓ ଝରଣା । ସେଥିରୁ ପ୍ରମୁଖ ଜଳପ୍ରପାତ ମଧ୍ୟରେ ଗୋଧସର ଉଚତା ୯୦ ଫୁଟ, ବେନିଆଧସ ୭୫ ଫୁଟ, ଖରଲଧସ ୧୫୦ ଫୁଟ୍ ରହିଛି । ବହୁ ଉଚତାରୁ ପାଣି ପଡ଼ୁଥିବାରୁ ପାଣି ଆକାଶରୁ ଝରି ପଡ଼ିଲା ଭଳି ଲାଗେ । ଜଳପ୍ରପାତର ତଳେ ଗାଧୋଇବା ମଜା ଟିକେ ନିଆରା । ମୁଣ୍ଡରେ ପାଣି ପଡ଼ିବାବେଳେ କୁହୁଡ଼ି ଭଳି ଲାଗେ । ଚନ୍ଦରସିଲ, ବିପ୍ରାଖୋଲ, ରାଣୀ ମୁହାଁସ, ଗିରିବାମନ, ମାଳଜରୁଆଁ, ଚେରେବୁଆଁ, ସାର ସୁମର, ବଡ଼ ସୁମର, ଉପଜାପାଟି, ଜବଦ, ଆମ ଝରଣ, ଅଡ଼ାର ଝରଣ, ଚିତ୍ରିରା ଘାଟି ଭଳି ୧୭ ଟି ଝରଣା ବୋହି ଯାଉଛି । ଏହି ସବୁ ଝରଣାରେ ବର୍ଷସାରା ପାଣି ଝରୁ ଥାଏ ଜ ଏଥିରୁ ଛୋଟ, ସୁନ୍ଦର ଓ ଇନ୍ଦ୍ର ନଦୀର ଉତ୍ପତ୍ତି ହୋଇଛି ଜ ଜଳପ୍ରପାତ ଓ ଝରଣାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ବାନ୍ଧି ରଖେ । ଜତିହାସର ମୂକସାକ୍ଷୀ ଐତିହାସିକ ମାରାଗୁଡ଼ା, ଜୁମଲାଗଡ଼ ଦୁର୍ଗ ଏବେ ଧ୍ୱଂସାଭିମୁଖୀ । ତେବେ ଏବେ ମଧ୍ୟ ମାରାଗୁଡ଼ା ଓ ଜୁମଲାଗଡ଼ର ଧ୍ୱଂସାବଶେଷକୁ ଦେଖୁଲେ ଲାଗେ ସେହି ସମୟରେ ନଗର ଓ ପ୍ରସାଦ ନିର୍ମାଣ ଶୈଳୀ କେତେ ଉଚକୋଟୀର ଥିଲା । ଖରଲଧସଠାରୁ ଶହେ ମିଟର ଦୂରରେ ରହିଛି ଜୁମଲାଗଡ଼ ଦୁର୍ଗ । ଏହି ଗଡ଼ର ଦ୍ୱାର ପୂର୍ବ ଦିଗରେ ରହିଛି । ଚାରି ପାଖେ ପୋଡ଼ା ଇଟାର ବଡ଼ ବଡ଼ ପାଚେରୀ ରହିଛି । ପ୍ରସାଦର ସୁରକ୍ଷା ଦୃଷ୍ଟିରୁ ଏହି ପାଚେରୀ ଦିଆଯାଇଥିବା ଅନୁମାନ କରାଯାଏ । ଭିତରେ ଥିବା ଛୋଟ ବଡ଼ ପ୍ରସାଦ ଧ୍ୱଂସ ହୋଇସାରିଛି । ତା'ର ଅନତି ଦୂରରେ ଡାହାଣ ପାର୍ଶ୍ୱରେ ରହିଛି ଐତିହାସିକ ଗିରିବାମନ ପୀଠ । ଏହି ପୀଠ ନିକଟରେ ଅଧା କିମି ବିଶିଷ୍ଟ ବିଜାଟ ପଥର ପାଚେରୀ ଦେଖୁବାକୁ ମିଳେ । ବଡ଼ ବଡ଼ କଳାପଥରକୁ ଥାକଥାକ କରି ନିର୍ମାଣ ହୋଇଥିବା ପାଚେରୀ କୌଣସି ବଡ଼ ଦୁର୍ଗର ମୁଖ୍ୟ ଫାଟକ ଭଳି ଲାଗେ । ପ୍ରାୟ ୨୫ ମିଟର ପାଚେ ପାଚେରୀର ପୂର୍ବ ଦିଗରେ ଏକ ଫାଟକ ରହିଛି । ଉପତ୍ୟକାର ସୁନାବେଡ଼ାଠାରେ ସୁନାବେଡ଼ା ମନ୍ଦିର, ଖୋଜିଗାଁ ନିକଟରେ ରାଣୀ ମୁହାଁସ । ଗୁମ୍ଫା, ଗୋଧସ ଶିବ ମନ୍ଦିର, ପଟୋରା ଯୋଗେଶ୍ୱର ଶିବ ମନ୍ଦିର ଭଳି ଅନେକ ଧାର୍ମିକ ସ୍ଥଳୀ ରହିଛି । ଉପତ୍ୟକାର ଆଦିମ ଜନଜାତି ଡଙ୍କୋଟିଆ ଭୁଞ୍ଜିଆଙ୍କ ଆରାଧ୍ୟ ଦେବୀ ମାଁ ସୁନାଦେବ ବେଶ ଚର୍ଚ୍ଚିତ । ବିଶ୍ୱାସ ରହିଛି ମାଁଙ୍କ ଆଜ୍ଞା ବିନା ଏହି ଉପତ୍ୟକାରେ ଗଛର ପତ୍ର ବି ହଲେ ନାହିଁ । ସୁନାବେଡ଼ାସ୍ଥିତ ମନ୍ଦିରରେ ମାଁ ସୁନାଦେବ ପୂଜା ପାଆନ୍ତି । ରାଣୀ ମୁହାଁସ ଗୁମ୍ଫାରେ ଅନେକ ଦେବଦେବୀ ପୂଜା ପାଉଥିବା ବେଳେ ଗୋଧସ, ପଟୋରା ଯୋଗେଶ୍ୱର ମନ୍ଦିରରେ ମହାଦେବ ଶିବ ପୂଜିତ ହୁଅନ୍ତି । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଐତିହ୍ୟ ଯୋଗେଶ୍ୱର ମନ୍ଦିର ୧୪ ଫ

ବିବିଧା

ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପରିବାର ଛାଡ଼ି ଅନେକ ଦାୟିତ୍ୱକୁ ଆଣ୍ଠେଇ ନିଏ ପୁରୁଷ । ସେ ଘର ପାଇଁ ଦରମା ଉପାର୍ଜନ କରିବା ଭରସାରେ । ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରତ୍ୟେକ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଜିନ୍ଦ ଗୋଡ଼ରେ ପାଦ ଦେଇଥାଉ । ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ । ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି । ରହସ୍ୟ ଓ ରୋମାଞ୍ଚକୁଳ ଭଳା ଏଇ ସିନ୍ଧୁଟି ହେଉଛି ରୋଲିଂ ସାମୁର୍ଣ୍ଣ ଏଣ୍ଟରଟେନମେଣ୍ଟ ପାଖରେକ୍ । ଯେଉଁଠିରେ ଭଲଗୁଣ୍ଡ କରାଗଟି ଅଛି । ବିଶେଷକରି ଏହି କାହାଣୀ ଯାଉ ଦର୍ଶକ ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜକ ଦମ୍ପତୀ ଆଶାବାଦୀ ଅଛନ୍ତି । 'ଗାଉଷ୍ଟ ପ୍ରୋଡ଼ାକସନ୍' ବ୍ୟାନରରେ ପ୍ରସ୍ତୁତ ତଥା ପରିଚାଳନା ପାଟ୍ରାଙ୍କ ପ୍ରଯୋଜିତ ଏହି ମୂଳ୍ୟ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଲୁମିଳାଙ୍କ ସହିତ ମାଲକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ଜାହ୍ନବୀଙ୍କର ପିତୃ ମାଳକ । କାହାଣୀ ଗଳନାରେ ଚିଲା ମାତ୍ରା ଥିବା ସତ୍ତ୍ୱେ ସଂଳାପ ଗଳନା ଜମିଯିବ ଜିନେନ୍ଦ୍ର କୁମାର ଜଗଲ । ଚଳଚ୍ଚିତ୍ରରେ ଅଳକାନାନ୍ଦ ମାଧ୍ୟରେ ରଚିତ ମହାପାତ୍ର, ଚୌଧୁରୀ କଳପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଚଳେକ, ଧନିଷ୍ଠା ଖଣ୍ଡୁଆଳ, ସୁଭାଷି, ଦେବୀମ ଶତପଥୀ, ଶୁଭାଶ୍ରୀ ପାଢ଼ୀ, ଫ୍ରାଙ୍କ ମୋହନ୍ତି ପ୍ରମୁଖଙ୍କ ଏଥ ଅଭିନୟ କଳାକାର ସାରେ ଅଶ୍ରୁମୋଚନ ମାଗନ୍ତି ଅଭିନୟ କରିଛନ୍ତି । ■



ଏଥର '୪ ଇଡିୟଟସ୍'

ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ପିଲ୍ମ '୩ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି । ଏହାଠାରିଲିରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା । ଏବେ ନିର୍ମାତା ଏହାର ସିକ୍ୱେଲର ଅଣ୍ଡାସା କାମକରଣ କରିଛନ୍ତି । ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି । ଆଗକୁ ଏହାର ନାଁରେ ପରିବର୍ତ୍ତନ ବି ହୋଇପାରେ । ପରିବେ ସିକ୍ୱେଲର କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି, ଯଦିଓ ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କଥା ହୋଇସାରିଛି । ସେହିପରି ସିକ୍ୱେଲରେ ବହୁଚର୍ଚ୍ଚିତ ଇଡିୟଟସ୍ ରଣାଙ୍ଗନରେ ଏବେ ଏହାର ନିର୍ମାତା ଅଛନ୍ତି । ପ୍ରଥମ ଭାଗ ନୂତନଭାବେ ଏହାର ସିକ୍ୱେଲ ଯେଉଁଥି ଅଧିକ ଭଲ ହେବ, ସେ ଦିଗରେ ପ୍ରଚେଷ୍ଟା ଜାରିଛି । ଅନ୍ୟପକ୍ଷେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା । ଏହାର ମୁଖ୍ୟ ଚରିତ୍ରରେ ଆମିର ଖାନ, ଆର୍ ମାଧବନ୍, ଶରମନ୍ ଯୋଶୀ ଏବଂ କରିନା କପୁର୍ ଖାମିଲ ଥିଲେ । କିନ୍ତୁ ଅପିଡ଼ିରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା । ■

ଫି' ପାଇଁ ଚର୍ଚ୍ଚାରେ ସନ୍ନି

ଖୁବ୍ ଦର୍ଶାପ୍ରାପ୍ତ ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨' । ଏହା ୧୯୯୭ ମସିହାରେ ସୁପରହିଟ୍ ପିଲ୍ମ 'ବର୍ଡର'ର ସିକ୍ୱେଲ । ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ଯେଉଁ ପିଲ୍ମର ମୁଖ୍ୟ ଚରିତ୍ରରେ ସନ୍ନି ଦେୟଲ ନଜର आसିବେ । ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି । ଏପରିକି ଗଳ୍ପ ସିନେମାର ନାୟକ ଭାବେ ତାଙ୍କୁ ଆଣିଛନ୍ତି । ଏଥି ୫୦ କୋଟି ଟଙ୍କା ନେବେଳେ ବୋଲାଯାଉଛି । ଏହି ଏକ ଫି' 'ବର୍ଡର' ସିନେମା ବୁଜେଟର ୪୦ରୁଣ୍ଡ ଅଧିକ । ବାକୁଣ୍ଡ ଏବଂ ଦିଲଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ । ଏହି ଭାଇ ସିନେମା ରାଶି ବଜେଟରୁ ୧୫-୨୦ କୋଟି ଟଙ୍କା ବିଆଯିବ । ଶେଷରେ ବିଲ୍ଲିଜଙ୍କୁ ପ୍ରାୟ ୧୦ କୋଟି ଦିଆଯିବ । ଅନ୍ୟପକ୍ଷେ ଏହି ସିନେମାଟି ୨୦୨୬ ମାର୍ଚ୍ଚ ୩ତାରିଖରେ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି । ଭାରତରେ ପ୍ରେକ୍ଷାଳୟକୁ ଆସିବେ । ■

ବ୍ରହ୍ମପୁରର ପର୍ଣ୍ଣୀ



କେ ଜଣେ ଇଷ୍ଟବେଙ୍ଗର ଅଭିନେତା । ସେ ଯୋଗି କରିଛନ୍ତି ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ବିଶାଳ ଛାପ ଛାଡ଼ି ଯାଆନ୍ତି । ଆମାମାନ ଚଳଚ୍ଚିତ୍ର 'ଇଦେଙ୍ଗ'ରେ ତାଙ୍କୁ ସେମିତି ଏକ ବନ୍ଦାର ଦଣ୍ଡିତ୍ର ମିଳିଛି । ପର୍ଣ୍ଣୀ ଦେବୀ ଯିଏ ବି ଚଳଚ୍ଚିତ୍ରର ମୁଖ୍ୟ ଚରନାୟକ । ବ୍ରହ୍ମପୁର ସହର ତା' ଆଖିରେ ଚାରୋ । ରାଜନୈତିକ ମହଲରେ ବି ତା'ର ଦେଶ୍ ଭଲ ହାତ । ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡି ପର୍ଣ୍ଣୀଙ୍କେ ଜାଗାଙ୍ଗରେ ଯୋଗ ଦିଅନ୍ତି । ପର୍ଣ୍ଣୀଙ୍କେମାନଙ୍କୁ ଶରଣ ଦିଏ, ଜାମ ଦିଏ । କିନ୍ତୁ ଏଇଟି ସମୟ ଆସେ ସେମାନେ ପର୍ଣ୍ଣୀଙ୍କୁ ଆଉ ମାନନ୍ତି ନାହିଁ । ଏଇଠାରୁ କାହାଣୀ ମୋଡ଼ ନିଏ । ଆଉକୁ କ'ଣ ଘଟେ, ତାହା ପିଲ୍ମ ଦେଖିଲା ପରେ ଦର୍ଶକଙ୍କେ ଜାଣି ପାରିବେ । ଜିସେପ୍ତ ସାହରେ ସିନେମା 'ଇଦେଙ୍ଗ' ମୁକ୍ତିଲାଭ କରୁଛି । ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି ସେ କହେ । ■

ଚିତ୍ରାଙ୍କନ ଓ ଅଭିନୟ

ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି । କାହାର ସ୍ୱପ୍ନ ସତ ହୁଏ ଆଉ କାହାର ସ୍ୱପ୍ନ ଅଧାରେ ରହି ଯାଏ । ତେବେ ସଫଳ କଳାକାର ହେବାକୁ ହେଲେ ପରିଶ୍ରମ ସାଧନା କରିବାକୁ ପଡ଼ିଥାଏ । ଏମିତି ଜଣେ କଳାକାର ରୋଶନ ରାଉତ । ଯିଏ ଓଡ଼ିଆ ପ୍ରତିଭା ଜଣେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି । ସିନେମା ଦେଖି ଅଭିନେତାଟିଏ ହେବାକୁ ପିଲାଦିନୁ ସ୍ୱପ୍ନ ଦେଖିଥିଲେ । ସ୍ୱପ୍ନକୁ ସତ କରିବାକୁ ପ୍ରଥମେ ସେ ନ୍ୟାଳ କାସରେ । ହେଲାଥିଲେ ପରେ ପରେ 'ଶାନ୍ତ । ନ କଳାକାର' ଥି ଏଟରରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହୋଇଥିଲେ । ପରବ ୀ ସମୟରେ ଅଡ଼ିଶା ହେଲ ଧାରାବାହିକରେ ଅଭିନୟ କରିବାର ସୁଯୋ । ପାଇ ଲେ ରୋଶନ ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଲାଜି' ଭୂମିକାରେ ଅଭିନୟ କରୁଛନ୍ତି । ରୋଶନ ରାଉତ ଜାଗିବା ତା ସଂ ର୍ଷର କାହାଣୀ

"ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ"

ରୋଶନ ରାଉତ, ଅଭିନେତା

ମଞ୍ଚ ଅଭିନେତା ହୋଇ ଧାରାବାହିକକୁ ଆସିବା କିପରି ?

● ପିଲାଦିନେ ଅଧିକାଂଶ ଯାଏଁ ମୁଁ ପଢ଼ୁ ଥିବା ସିନେମା ଦେଖୁଥିଲି । ସେହେତୁ ପଢ଼ାରେ ଥେକେ ଅନ୍ୟହେବା କରୁଥିଲି । ସିନେମା ଦେଖି ଅଭିନୟ ପ୍ରତି ମୋର ଦୁର୍ବଳତା ବଢ଼ିଥିଲା । ବ୍ୟାବଶ୍ୟ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି । କଳେଜ ପରେ 'ଶାନ୍ତାକାର କଳାକାର' ଟିକିଟରେ ଯୋଗ ଦେଇଥିଲି । 'ଏକ' ଅଭିନେତୁଏ ମୋର ଅଭିନୟ ପ୍ରଶଂସା ମଧ୍ୟ ମୋ ଅଭିନୟ ଦେଖିଥିଲା । ପରେ ପରେ 'ଲାଟ' ବ୍ରହ୍ମାଣ୍ଡ ସ୍ପୁରଣ', 'ବିଶ୍ୱର୍ଣ୍ଣ ଲାଲନ', 'ବନ୍ଦ୍ରାଲୋକର ପ୍ରତିଭା', 'ଜାହାଜୀ' ଆଦି ମଞ୍ଚରେ ବିଭିନ୍ନ ଜନ୍ମ କି ଓଡ଼ିଶାରେ ଜାଗାମ କୁହାଯାଏ । ତେବେ ବ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଦେଖିବାକୁ ଛାନ ସଂଘର୍ଷରେ ଜାଗିବାକୁ ପଡ଼ିଥାଏ । ତେଣୁ ପ୍ରଥମେ ବ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା । ସିନିୟର କଳାକାରଙ୍କଠାରୁ କାମ ଶିଖିଥିଲି । ପରେ ଜ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି ।

ଫୁଟି ନେତୃତ୍ୱ କ'ଣ କରନ୍ତି?

● ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଷ୍ଟୁଡ଼ି କରୁଛି । ମୋର ଗାଆକୁ ବହୁତ ଭଲପାଏ । ପରିବାର ସହିତ ସମୟ ଦିଅନ୍ତି । ଫିଟ୍ ରହିବାକୁ ଭୋରରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ । ପରେ ଜିମ୍ ଯାଏ । ଫୁଟି ଥିଲେ ସମୟ ଅନୁସାରେ କାମ କରେ ।

ଫୁଟି ଦେଖିବା ଅଛୁଆ ଫୁଟି?

● 'ବିଜି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମ ଯାତ୍ରାଷ୍ଟ୍ରାଲ ଯାଇ ଥିଲୁ । 'ଓଡ଼ିଆ ଫୁଟି' ଦେଖି ସାରଦାର ଦେବୀଙ୍କ ଶିର ଓ ହନୁମାନଙ୍କର ମନ୍ଦିର ଦେଖିଥିଲି । ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆରତୀ ଯାଇ ଦେଖୁଥିଲୁ । ସହାକୁ ବି ସମୟ ଜାଡ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ । ସେହି ସମୟ ମୋ ଜୀବନର ସବୁଠୁ ଅଛୁଆ ଫୁଟି ।

ଭେଳି ଚରିତ୍ରରେ ଅଧିକ ଦର୍ଶକମାନ ପ୍ରତିକ୍ରିୟା ମିଳିଛି?

● 'ବିଜି' ଧାରାବାହିକର ମାଧ୍ୟ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି ।

ଚଳଚ୍ଚିତ୍ରରେ ଅଭିନୟ ଦେଖିବାକୁ ଇଚ୍ଛା ରଖିଛନ୍ତି ?

● ଜଣେ କଳାକାର ପାଇଁ ଚଳଚ୍ଚିତ୍ର ପରବା ହିଁ ଶ୍ରେଷ୍ଠ ପରବା କିଛି ନ ଥାଏ । ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ । ନିଶ୍ଚୟ ଚଳଚ୍ଚିତ୍ରରେ ଯାଏଁ ଅଭିନୟ କରିବି । ■

- ମଞ୍ଚରେ ବିଜା ଜନ୍ମ କି ଓଡ଼ିଶାରେ ଜାଗାମ କୁହାଯାଏ । ତେବେ ବ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଦେଖିବାକୁ ଛାନ ସଂଘର୍ଷରେ ଜାଗିବାକୁ ପଡ଼ିଥାଏ । ତେଣୁ ପ୍ରଥମେ ବ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା । ସିନିୟର କଳାକାରଙ୍କଠାରୁ କାମ ଶିଖିଥିଲି । ପରେ ଜ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି ।
- ଫୁଟି ନେତୃତ୍ୱ କ'ଣ କରନ୍ତି?
- ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଷ୍ଟୁଡ଼ି କରୁଛି । ମୋର ଗାଆକୁ ବହୁତ ଭଲପାଏ । ପରିବାର ସହିତ ସମୟ ଦିଅନ୍ତି । ଫିଟ୍ ରହିବାକୁ ଭୋରରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ । ପରେ ଜିମ୍ ଯାଏ । ଫୁଟି ଥିଲେ ସମୟ ଅନୁସାରେ କାମ କରେ ।
- ଫୁଟି ଦେଖିବା ଅଛୁଆ ଫୁଟି?
- 'ବିଜି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମ ଯାତ୍ରାଷ୍ଟ୍ରାଲ ଯାଇ ଥିଲୁ । 'ଓଡ଼ିଆ ଫୁଟି' ଦେଖି ସାରଦାର ଦେବୀଙ୍କ ଶିର ଓ ହନୁମାନଙ୍କର ମନ୍ଦିର ଦେଖିଥିଲି । ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆରତୀ ଯାଇ ଦେଖୁଥିଲୁ । ସହାକୁ ବି ସମୟ ଜାଡ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ । ସେହି ସମୟ ମୋ ଜୀବନର ସବୁଠୁ ଅଛୁଆ ଫୁଟି ।
- ଭେଳି ଚରିତ୍ରରେ ଅଧିକ ଦର୍ଶକମାନ ପ୍ରତିକ୍ରିୟା ମିଳିଛି?
- 'ବିଜି' ଧାରାବାହିକର ମାଧ୍ୟ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି ।
- ଚଳଚ୍ଚିତ୍ରରେ ଅଭିନୟ ଦେଖିବାକୁ ଇଚ୍ଛା ରଖିଛନ୍ତି ?
- ଜଣେ କଳାକାର ପାଇଁ ଚଳଚ୍ଚିତ୍ର ପରବା ହିଁ ଶ୍ରେଷ୍ଠ ପରବା କିଛି ନ ଥାଏ । ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ । ନିଶ୍ଚୟ ଚଳଚ୍ଚିତ୍ରରେ ଯାଏଁ ଅଭିନୟ କରିବି । ■

ପରବା ପଛର କାହାଣୀ

୧୦୫ ଥର ଖାରଜ ପରେ ଜିମନୋନୀତ

ଗୀତ ଲେଖିଲି ପିଲ୍ମର ଜୀବନ । ଏଇଟି ଅନେକ ପ୍ରଚୁରଣ । ଲୁସିନ୍ ଗୀତ ରଚିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ତେବେ ଗୀତ ଲେଖି ପରିବାରେ ଚିହ୍ନା କରିବା ଖୁବ୍ କଷ୍ଟକର । ଏଥିପାଇଁ ଗୀତ ଲେଖୁଥିବା ନେଇ ଚୁଟି ପର୍ଯ୍ୟନ୍ତ ସବୁ ଜମରେ ଚିଲ୍ଲେଖ ଧ୍ୟାନ ଦେବାକୁ ପଡ଼ିଥାଏ । ୧୯ ୫୦ ମସିହାରେ ୧୯୬୨ ଥର ଗେଲଖିଥା ପରେ ସଫଳ ହୋଇଥିଲେ । ୬ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଚର୍ଚ୍ଚକଙ୍କ ହୃଦୟକୁ ଛୁଇଁ ଥିଲା । ଗୀତର ଚୁଟି ପାଇଁ ପିଲ୍ମ ନିର୍ମାତା ଏକ ଭବ୍ୟ ବିଜାପନ୍ମାନ୍ଦେଖ୍ ମଧ୍ୟ ପ୍ରସ୍ତୁତ କରିଥିଲେ । ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ଗୀତକୁ ରୋଦିନଦିବସୀ ଜନ୍ମ ମଙ୍ଗଳବାର ସୁଜନିତ କଣ୍ଠରେ ଗାନ କରିଥିଲେ । "ଜବ ପ୍ୟାର କିସୀ ସେ ହୋତା ହୈ ତୋ ଜୀବନ୍ ଜୈସା..." ଗୀତରେ ଅଭିନେତା ମାଧୁବାଲା ହୃଦୟଛୁଇଁ ନୃତ୍ୟ ପରିବେଷଣ କରିଛନ୍ତି । ଏଇ ଏଥି ଅଭିନୟ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ୍' ପିଲ୍ମ ମଧ୍ୟ ଲୋକପ୍ରିୟ ହୋଇପାରିଥିଲା । ଏହି ପିଲ୍ମ ମିମ୍ବା ପାଇଁ ୧୬ ଦର୍ଶ ଯାଏଁ ଲାଗିଥିଲା । ତେବେ ୧୦୫ ଥର ଗେଲଖିଥା ପରେ ଚୂଡ଼ାନ୍ତ ହୋଇଥିଲା "ପ୍ୟାର କିୟା ତୋ ଡରନା କ୍ୟା..." ଗାନଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ । ■

ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ୍' ବକ୍ସଅଫିସ୍ । ଏହି ପିଲ୍ମରେ ଏକଲି ଏକ ଗୀତ ରଚିଛି, ଯାହା କୁ ସଙ୍ଗୀତକାର ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ । ଗାଇଟି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." । ଏହି ଗୀତ ଲେଖିଥିବା ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ । ସେ ଗୀତଟିକୁ

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୨୨ ଡିସେମ୍ବର ୨୦୨୫

ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ



ଆପଣ ବାୟୁମଣ୍ଡଳରେ ସୁବାଷିତ ମହକ ଅନୁଭବ କରୁଥିବେ । ସେହିପରି ଅନ୍ୟ କେଉଁଠି ଦୁର୍ଗନ୍ଧର ଅତିଶ୍ଚ ବାସ୍ନା ଆପଣଙ୍କୁ ବ୍ୟଥିତ କରିପାରେ । କାରଣ ଏହିପରି ବାୟୁମଣ୍ଡଳରେ ଜଳ ଆକାଶରେ ଧୂଳିକଣା ପବନରେ ମୁକ୍ତ ଭାବରେ ବିଚରଣ କରୁଥାଏ । କିନ୍ତୁ ଏହା ଜଳୁଷିତ ପାଣି ସହିତ ସମ୍ମିଶ୍ରିତ ହୋଇଗଲେ ଏହା ପାଇଜି ଯାଏ କାଦୁଅ । ମଲ୍ଲୀ ଫୁଲକୁ ବା ବିଭିନ୍ନ ବାସ୍ନାର ଫୁଲ ଗୁଡ଼ିକ ବାୟୁର ମାଧ୍ୟମରେ ନିଜ ସୌରଭ ବିଚରଣ କରନ୍ତି । କିନ୍ତୁ ସେହି ବାୟୁ ଯେତେବେଳେ କୌଣସି ଦୂଷିତ ବସ୍ତୁ ବା ଦ୍ରବ୍ୟ ଉପରେ ଆଡମାଡ ହୁଏ ତମାମ ବାୟୁ ମଣ୍ଡଳଟି ଦୁର୍ଗନ୍ଧରେ ଭରିଯାଏ । ସେହିପରି ଆମେ ଶୁଆର ଉଦାହରଣ ରଖିଥାଉ । ସାଧୁ ସଙ୍ଗରେ ବାସ କଲେ ରାମ ନାମ ଓ ଦୁର୍ଜନଙ୍କ ସହିତ ବାସ କଲେ ଗାଳି ରାବ । ଅତଏବ ଏହାର ଅନୁଚିନ୍ତନର ଅନ୍ତରାର୍ଥ ହେଉଛି ଆମେମାନେ ଗୁରୁଦେବଙ୍କ ସାନ୍ନିଧ୍ୟ ଲାଭ କଲେ ଜ୍ଞାନ ଉଦୟ ହୋଇଥାଏ । ଆମେମାନେ ଶାଶ୍ୱତ ଶାନ୍ତି ରାଜ୍ୟରେ ବିଚରଣ କରିବାର ସୁଯୋଗ ପ୍ରାପ୍ତ ହୋଇଥାଉ । ସଂସାରରେ ଜଣେ ଯେତେ ଆଧ୍ୟାତ୍ମିକ ପୁରୁଷ ପଛୁ ନା କାହିଁକି ତିନୋଟି କଥା ମନୁଷ୍ୟଙ୍କୁ କୁହାଯାଇଥାଏ - 'ଏହି ସଂସାରକୁ କଦାପି ବିଶ୍ୱାସ କରନାହିଁ, ଭଗବାନଙ୍କୁ କଦାପି ଭୁଲ ନାହିଁ, ଆଉ ମୃତ୍ୟୁକୁ କଦାପି ଭୟ କରନାହିଁ ।' ଏହି ତିନୋଟି ଆବଶ୍ୟକ । ଆମେମାନେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ । ଏହି ସଂସାରକୁ ବିଶ୍ୱାସ କରନାହିଁ, କାରଣ ସଂସାର କ୍ଷଣକୁ କ୍ଷଣ ବଦଳିଥାଏ । ଭଗବାନଙ୍କୁ କଦାପି ଭୁଲ ନାହିଁ । ନିଜ ଗୁରୁଙ୍କ ପରାନରିବରେ ସବୁବେଳେ ନିଜକୁ ସମର୍ପିତ କରି ସତକର୍ମରେ ନିଜକୁ ଆଗେଇ ନେବା ସହ ମୃତ୍ୟୁ ପ୍ରତି କଦାପି ଭୟଭୀତ ହେବା ଅନୁଚିତ । ବେଦାନ୍ତୀୟ ଭାଷାରେ ଏଗୁଡ଼ିକ ମୁଖ୍ୟ ତତ୍ତ୍ୱ । ବିଦ୍ୟୁତ୍‌ବୃତ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ପରିସ୍ଥିତି ମଧ୍ୟରେ ସୀମିତ କରିବା ନିର୍ବୋଧତା । ବିଦ୍ୟୁତ୍ ସର୍ବତ୍ର ବିଦ୍ୟମାନ । ବିଦ୍ୟୁତ୍ ନଥିବା କୌଣସି ସ୍ଥାନ ନାହିଁ । ଏହା ବିନା କୌଣସି ରୂପ ନାହିଁ । ଏହା ବିନା କୌଣସି ପଦାର୍ଥ ନାହିଁ । ଏହା ଉଭୟ ଚର ଓ ଅଚର ମଧ୍ୟରେ ବିଦ୍ୟମାନ । ସବୁ କିଛି ଅଣୁରେ ଗଢ଼ା ବୋଲି ବୈଜ୍ଞାନିକମାନେ କହନ୍ତି । ସମସ୍ତ ଜଗତ, ଜୀବ ଖଣ୍ଡରୁ ବଡ଼ା ପର୍ଯ୍ୟନ୍ତ, ଅଣୁରେ ଗଢ଼ା । ସବୁକିଛି ଆଣବିକ ଶକ୍ତିର ସମାହାର । ତେଣୁ ସେମାନେ ଏହାକୁ ଅଣୁ ବୋଲି କହନ୍ତି । କିନ୍ତୁ ଆଧ୍ୟାତ୍ମବାଦୀମାନେ ଏହାକୁ ଶକ୍ତି ବୋଲି କହନ୍ତି । ସେମାନେ ଏହାକୁ ଊର୍ଜା ବୋଲି କହନ୍ତି । ନାମରେ କିନ୍ତୁ ଅଛି, କିନ୍ତୁ ରୂପ ସମାନ । ଯେଉଁଠାରେ ଅଣୁ ଅଛି ସେଠାରେ ବିଦ୍ୟୁତ୍ ଅଛି । ପ୍ରତ୍ୟେକ ଅଣୁର ଏକ ନିର୍ଦ୍ଦିଷ୍ଟ ରୂପ ଅଛି । ରୂପ ବିନା ଅଣୁ ନାହିଁ । ଭଗବାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ରହିବା ଦରକାର ଆମେ ଜାଣିବା ଉଚିତ ଯେ ଭଗବାନ ଆମ ହୃଦୟ ଭିତରେ ବିଦ୍ୟମାନ ଅଛନ୍ତି । ଭଗବାନଙ୍କର ଅନେକ ରୂପ ଅଛି । ଭଗବାନ ବିବିଧ ରୂପରେ ବିଶ୍ୱାସ୍ତବ । ପର୍ବତ ଗୁଡ଼ିକ ପଥରରେ, ବନ ଗୁଡ଼ିକ ଗଛରେ, ସମୁଦ୍ର ଗୁଡ଼ିକ ଜଳରେ, ପୃଥିବୀ ମୃତ୍ତିକାରେ ଓ ମନୁଷ୍ୟ ଶରୀର ମାଂସରେ ଗଠିତ । ସବୁ କିଛି ପଂଚଭୂତର ସମାହାର ଏବଂ ସେଥିପାଇଁ ସବୁ କିଛି ଭଗବାନଙ୍କର ପରିପ୍ରକାଶ । ଭଗବାନ ଏକ ଭିନ୍ନ ରୂପ ନୁହନ୍ତି । ଏହି କଥା ଅନ୍ଧ ଓ ଅଜ୍ଞଜନଙ୍କୁ ପ୍ରଦର୍ଶିତ କରିବା ପାଇଁ ଭଗବାନ ଅବତାର ରୂପରେ ଅବତରଣ କରନ୍ତି । ମନୁଷ୍ୟକୁ ନେଇ ଆନନ୍ଦ ସାଗରର ଅପରପାର୍ଶ୍ୱରେ ଅର୍ଥାତ ମୋକ୍ଷ ସ୍ଥଳରେ ପହଂଚାଇବେବା ଲାଗି ସବୁଙ୍କୁ ହିଁ ଏକମାତ୍ର ନିରାପଦ ନୌକା । ତେଣୁ ସେହି ନୌକାରେ ଚଢ଼ିବାର ସୁଯୋଗ ଯେପରି ଆମେ ନହରାନ୍ତି । ପୃଥିବୀରେ ସବୁ ପ୍ରାଣୀ ସେମାନଙ୍କର ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି । ପଶୁ, ପକ୍ଷୀ, ଜୀବଜନ୍ତୁ ଓ ମଣା ସୂକ୍ଷ୍ମ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି । କେବଳ ମଣିଷ ତାର ଦାୟିତ୍ୱ ଭୁଲି ଯାଇଛି । ପକ୍ଷୀମାନେ ଗଛ ଓ ହେତୁର ଅନୁସରଣ କରନ୍ତି, କିନ୍ତୁ ମନୁଷ୍ୟର ଗତି ନାହିଁ କି ହେତୁ ନାହିଁ । ଏହି କାରଣରୁ ମାନବଜାତିକୁ ସୁଧାରିବା ପାଇଁ ଭଗବାନ ମନୁଷ୍ୟ ରୂପରେ ଅବତରଣ କରନ୍ତି । ଯଦି ଗୋଟିଏ ଚିଲ ଆମ ପାଖକୁ ଆସେ ଏବଂ ଆମର ଦୋଷ ଦେଖାଏ ତେବେ ଆମେ ତାକୁ ଟେକା ମାରି ଉଡ଼େଇଦେବା । ସେଥିପାଇଁ ସେ ମାନବ ରୂପ ଧାରଣ କରନ୍ତି । ବୈଜ୍ଞାନିକମାନେ ପରୀକ୍ଷା କରିବାରେ ସବୁ ସମୟ ଅତିବାହିତ କରନ୍ତି । ତଥାପି ସେମାନେ ଅନୁଭୂତିବିହିନ । ଆମେ ଏସବୁ ପରୀକ୍ଷାରୁ କ'ଣ ପାଉଛୁ ? ଗତକାଲିର ଆବିଷ୍କାର ଆଜି ନୂଆ ବିଶେଷ ଓ ଆଜିର ଆବିଷ୍କାର କାଲିକୁ ନୂଆ ବିଶେଷ । ଏହା ହିଁ ସାର । ଏହାର କିଛି ଉପଯୋଗିତା ନାହିଁ । ଭକ୍ତିମାର୍ଗ ଜ୍ଞାନମାର୍ଗ ଅପେକ୍ଷା ସହଜତର । ଜ୍ଞାନ ଅତି କଷ୍ଟକର । ଏହା ପ୍ରତ୍ୟେକଙ୍କୁ ବିଶ୍ୱାସଯୋଗ୍ୟ ନାହିଁ । ଆମର ଦୃଷ୍ଟିକୁ ଭଗବାନଙ୍କ ଆଡ଼କୁ ନିର୍ଦ୍ଦେଶିତ କରିବା । ତେବେ ସବୁ କିଛି ଆମ ପାଖକୁ ଆସିପାରିବ । ଏହି ଭକ୍ତିର ଉର୍ଦ୍ଧ୍ୱରେ ଆଉ କିଛି ନାହିଁ । ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ କରିବା ଯାହାଦ୍ୱାରା ଆମେମାନେ ଏ ପୃଥିବୀରେ ସବୁକିଛିକୁ ପ୍ରାପ୍ତ ହେବା ସହ ଦିବ୍ୟ ଜୀବନ ଓ ଶାନ୍ତିର ଅଧିକାରୀ ହୋଇପାରିବା । ଜୀବନ କ୍ଷୁଦ୍ର ଏଣେ ସମୟ ପ୍ରଖର ବେଗରେ ଗଡ଼ି ଚାଲିଛନ୍ତି । ମୃତ୍ୟୁ ଅପେକ୍ଷା କରି ରହିଛି ଜେଉଁ ମୁହୂର୍ତ୍ତରେ ଆମ ମାନଙ୍କୁ ତାର ସର୍ବଗ୍ରାସି ଆହ୍ୱାନ ଭିତରେ ସ୍ଥାନ ହେବା ପାଇଁ । ଆତ୍ମସାକ୍ଷାତ କରି ସତଚିତ ଆନନ୍ଦ ପରମାତ୍ମାଙ୍କ ସାକ୍ଷାତ ଲାଭ ଉଠାଇ ଦିବ୍ୟ ଗୁରୁଦେବଙ୍କ ନାମ ସ୍ମରଣ କଲେ ଜୀବନ ଚକ୍ରରୁ ମୁକ୍ତି ପାଇ ପାରିବା ।

ସରସ ରସ : 'କ୍ୟୁଁ ନାଚେ ସପେରା ?'

ସାପକୁ ନଚାଇବା ପରିବର୍ତ୍ତେ ସାପୁଆ ନିଜେ ନାଚିବ କାହିଁକି ? ଖିପନ୍ୟାସିକ ଆର୍. କେ. ନାରାୟଣଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଇଂରେଜୀ ଉପନ୍ୟାସ 'ଗାଇଡ୍'ର କାହାଣୀ ଆଧାରରେ ଏକ ହିନ୍ଦୀ ଚଳଚ୍ଚିତ୍ର ୧୯୬୫ରେ ସମାନ ଶୀର୍ଷକରେ ନିର୍ମିତ ହୋଇଥିଲା । ସିନେମାର ପ୍ରାରମ୍ଭରେ ଗୀତିକାର ଶୈଳେନ୍ଦ୍ରଙ୍କର ଏକ ଦାର୍ଶନିକ ସଙ୍ଗୀତ ରହିଛି, "ଦୁଇଁ ଜୌନ ହୈ ତେରା ମୁସାଫିର୍ ଜାୟେଗା କାହାଁ...।" ଗୀତଟି ତ ଆମେ ଶୁଣିଛେ, ମାତ୍ର ତା' ମଧ୍ୟରେ ଥିବା ତିନିଟି ଶବ୍ଦର ପରବର୍ତ୍ତି "କ୍ୟୁଁ ନାଚେ ସପେରା" ଉପରେ ବିଶେଷ ଧ୍ୟାନ ଦେବ ନାହିଁ । ଏହି ପରବର୍ତ୍ତି ମଧ୍ୟରେ ଲୁକ୍ତି ରହିଛି ଏକ ଚିରନ୍ତନ ଦାର୍ଶନିକ ସତ୍ୟ । "ତୁଜେ କୋ ସଚ୍ ?କୋ ରାହ ଦିଖାୟି, ଅପନି ମଞ୍ଜିଲ୍ କୁଁ ଭୁଲା / ସୁଲଝା କେ ରାଜା ଖିଗୋଁ କି ଉଲଝନ୍, କ୍ୟୁଁ ଜଦେ ଧାଗେ ମୈଁ ଝୁଲା / କ୍ୟୁଁ ନାଚେ ସପେରା, ସୁସାଫିର୍ ଜାୟେଗା କାହାଁ।" 'ତୁ ତ ସମସ୍ତଙ୍କୁ ରାସ୍ତା ଦେଖାଉଥିଲୁ, ନିଜର ରାସ୍ତା ପୁଣି ନିଜେ ଭୁଲିଗଲୁ କେମିତି ? ଅନ୍ୟର ବୁଦ୍ଧି ଦୂର କରୁଲୁକୁ ନିଜେ ଅଟୁଆ ସୂତାରେ ଛବି ହେଲୁ କ'ଣ ପାଇଁ ? ସାପକୁ ନଚାଇବା ଛାଡ଼ି ସାପୁଆ ନିଜେ ନୃତ୍ୟ କଲା କାହିଁକି' ? ସାପ ଖେଳାଳିର କାର୍ଯ୍ୟ ହେଉଛି ବୀଣା ବଜାଇ ସାପକୁ ନଚାଇବା । ସାପୁଆ ଯଦି ନିଜର ଏ କର୍ତ୍ତବ୍ୟ ଭୁଲିଯାଇ ବୀଣାର ସ୍ୱନରେ ନିଜେ ନୃତ୍ୟ-ମଗ୍ନ ହୋଇଯାଏ, ବର୍ଦ୍ଧକ ସାପଖେଳକୁ ମୁହଁ ଫେରାଇ ନେବେ, ଫଳତଃ ସାପୁଆର ପେଟ ଅପୋଷା ରହିଯିବ । ଗୀତଟିର ପୃଷ୍ଠଭୂମି ଏହିପରି: ନୂତନ ଆଲୁଲମାନଙ୍କୁ ଐତିହାସିକ ସ୍ଥାନର ଗୁରାତତ୍ତ୍ୱ ବୁଝାଇ ପେଟ ପୋଷୁଥିବା ସ୍ଥାନୀୟ ଗାଇଡ୍ ରାଜୁ ଘଟଣା ଚକ୍ରରେ ନର୍ଭଳୀ ହେବାର ସ୍ୱପ୍ନ ଦେଖୁଥିବା ଜଣେ ପରିବର୍ତ୍ତକଙ୍କ ପତ୍ନୀ ରୋଜିକୁ ଭଲପାଇ ବସିଛି । ତା' ପାଇଁ ନିଜର ବୃତ୍ତି, ପରିବାର ଓ ମା'କୁ ଛାଡ଼ି ରୋଜିକୁ ଜଣେ ପ୍ରତିଷ୍ଠିତ ନର୍ତ୍ତକୀ କଲାଭବାରେ ଲାଗିପଡ଼ି ସଫଳ ହୋଇଛି । ନିଜର ଏକତରଫା ପ୍ରେମକୁ ସୁରକ୍ଷା ଦେବାକୁ ଯାଇ ଜେଲ୍ ଯାଇଛି, ତଥାପି ରୋଜିର ପ୍ରେମ ପାଇ ପାରିନାହିଁ । ଜେଲ୍‌ରୁ ପଳୁଛିବା ଦିନ ତାକୁ ନେବା ପାଇଁ ତା' ପରିବାର କିମ୍ବା ରୋଜି କେହିହେଲେ ଜେଲ୍ ନିକଟକୁ ଆସିନାହାନ୍ତି । ମର୍ମାହତ ରାଜୁର ସାମନାରେ ଏବେ ରହିଛି ଟିନିଟି ରାସ୍ତା । ମା' ଓ ପରିବାର ନିକଟକୁ ଫେରିଯିବା, ପୁଣି ଥରେ ରୋଜି ପାଖକୁ ଲେଉଟି ଯିବା କିମ୍ବା ଏସବୁ ବନ୍ଧନ ଠାରୁ ବହୁ ଦୂର ଏକ ଅଜଣା ସ୍ଥାନକୁ ଚାଲିଯିବା । ରାଜୁ ଅଜଣା ରାସ୍ତାରେ ପାଦ ଦେବାବେଳେ ରହିଛି ଏକ ପୃଷ୍ଠଭୂମି ସଙ୍ଗୀତ । ଗୀତିକାର ଶୈଳେନ୍ଦ୍ର "କ୍ୟୁଁ ନାଚେ ସପେରା" ପ୍ରଶ୍ନଟିର କୌଣସି ସିଧାସଳଖ ଉତ୍ତର ଦେଇ ନଥିଲେ ମଧ୍ୟ ତା'ର ତାତ୍ପର୍ଯ୍ୟ ପରୋକ୍ଷରେ ସେଇ ଗୀତ ମଧ୍ୟରେ ଛାଡ଼ି ଦେଇଛନ୍ତି । ଏ ସଂସାର ଏକ ମୃଗତୃଷ୍ଣା । ଏଠାରେ ସବୁକିଛି ପାଣିର ଗାର । ତାକୁ ଦେଖୁଛୁ, ପଢ଼ିଛୁ, ଅନୁଭବ କରିଛୁ ମାତ୍ର ନିଜର କରିଛୁ ଏନି । ଏ ସଂସାରରେ କିଛି ତୁମର ନୁହେଁ କି କିଛି ମୋର ନୁହେଁ । ତେଣୁ, ହେ ଅଜଣା ପଥର ପଥିକ ! ଏବେ ତୁମେ କେଉଁ ଦିଗକୁ ଯିବ ? ଭୌତିକ ଜଗତରେ ସୁଖର ସନ୍ଧାନ କରିବା କେବଳ ଏକ ମୃଗତୃଷ୍ଣା, ମାୟାର ଖେଳ, ଯାହା ପରିଶେଷରେ ହୋଇଯାଏ ଅସରନ୍ତି ଦୁଃଖର କାରଣ । ଅନନ୍ତ ଆତ୍ମାର ସ୍ଥାୟୀ ବିନୋଦନ ନିମନ୍ତେ ଏହା ଅକର୍ତ୍ତିତ ଆବଶ୍ୟକତାକୁ ପୂରଣ କରି ନପାରେ । ଜଣେ ପଥିକର ପଥ ଅନନ୍ତ ନୁହେଁ କି ଜୀବନର ସ୍ଥାୟିତ୍ୱ ଚିରକାଳ ନୁହେଁ । ଲଛାମାନଙ୍କର କ୍ଷଣିକ ଆକର୍ଷଣ ମଧ୍ୟରେ ହଜି ନଯାଇ ସେଥିପାଇଁ ନିଜର ସ୍ୱାଭାବିକ କର୍ତ୍ତବ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ । "କ୍ୟୁଁ ନାଚେ ସପେରା" ଗୀତାଂଶରେ ଏହି ମର୍ମଟି ଲୁକ୍ୟାୟିତ ରହିଛି । ଯିଏ ସର୍ବବା ଅନ୍ୟକୁ ଦିଗ୍ ?ଦର୍ଶନ ଦେବା କଥା, ପଥ ନିର୍ଦ୍ଦେଶିତ କରିବା କଥା, ସିଏ ଯଦି ନିଜେ ନିଜର ରାସ୍ତା ଭୁଲିଯାଇ ଭୁଲ୍ ? ରାସ୍ତାରେ ଚାଲିଯାଏ, ସାପୁଆ ପରି ସାପକୁ ନଚାଇବା ଛାଡ଼ିଦେଇ ସ୍ୱତଃ ନୃତ୍ୟ କରେ, ସେ ନିଜେ ହିଁ ଭାଗ୍ୟର ହାତରେ ଜାତ କଣ୍ଢେଇ ପାଲଟିଯାଏ । "ସାପୁଆ ନାଚେ କାହିଁକି"- ଏ ପ୍ରଶ୍ନଟି ମାନବୀୟ ଦୁର୍ବଳତା ଏବଂ ଜୀବନର ସମସ୍ତ ବିକୃତାନୁକୁ ଇଙ୍ଗିତ କରିବାପାଇଁ ଏକ ଶକ୍ତିଶାଳୀ ରୂପକଳ୍ପ । ସାଂସାରିକ ଆସକ୍ତିରୁ କେହି ମୁକ୍ତ ନୁହନ୍ତି । ଯେଉଁମାନେ ଏହି ଆସକ୍ତିରୁ ଉର୍ଦ୍ଧ୍ୱରେ ବୋଲି ଆମେ ଭାବିଥାଉ, ସେମାନେ ମଧ୍ୟ ସମୟେ ସମୟେ ଏହାର କବଳିତ ହୋଇଥାନ୍ତି । ସାପୁଆ ନିଜେ ସାପର ମାର୍ଗଦର୍ଶକ, ଯିଏ ନଚାଇବା ଜାଣେ ଓ ସାପ ସହିତ ରହିଥିବା ବିପଦକୁ ମଧ୍ୟ ଜାଣେ । ସାପ ସଂପର୍କରେ ସେ ଅନ୍ୟଠାରୁ ଅଧିକ ଜ୍ଞାନୀ । ସାପ ପରିବର୍ତ୍ତେ ନିଜର ବୀଣା ସ୍ୱନରେ ନିଜେ ନୃତ୍ୟରତ ହେବା ହେଉଛି ଜଗତର ମାୟା ଜାଲରେ ଛବି ହୋଇଯିବା ଓ ଆସକ୍ତିରେ ବୁଡ଼ିଯିବା । ତେଣୁ ପ୍ରଶ୍ନଟି ଇଙ୍ଗିତ କରେ ଯେ, ସେଇ ଜ୍ଞାନୀ ଓ ମାର୍ଗଦର୍ଶକ ସାପ ଖେଳାଳିଟି ନୃତ୍ୟ କରୁଛି ଅର୍ଥ, ଯେଉଁମାନେ ଜ୍ଞାନର ଅଧିକାରୀ ଓ "ସର୍ବଂ ମାୟାଃ ଜଗତ୍ ମିଥ୍ୟାଃ" ସତ୍ୟକୁ ଜାଣନ୍ତି ସେମାନେ ମଧ୍ୟ ସେଇ ମାୟାର ଶିକାର ହୋଇ ଯାଆନ୍ତି, ଯେଉଁ ସମୟରେ କି ଅଜ୍ଞାନମାନଙ୍କୁ ସେ ମାୟାଜାଲରୁ ଦୂରେଇ ରଖିବା ସେମାନଙ୍କର ଦାୟିତ୍ୱ । ଜୀବନ ଜିଜ୍ଞିବାର ଜଜ୍ଞାନ ମଧ୍ୟରେ ଗଭୀର ସତ୍ୟଟି ହେଉଛି ନିଜର ମୂଲ୍ୟବୋଧ ସହିତ ସମବୃସ ରକ୍ଷାକରି ବଳିବାର ମହତ୍ତ୍ୱ । ତୁଳିଆର ଆମଠାରୁ ଆବଶ୍ୟକତା ଜ'ଣ ସେକଥା ନ ପଚାରି ତୁଳିଆକୁ ଆମେ ଜଣାଇଦେବା କଥା ଯେ, ଜ'ଣ ଓ କିଏ ଆମକୁ ଜୀବନ୍ତ ଓ ସଚେତ ରଖୁଛି । ନିଜସ୍ୱ ମୂଲ୍ୟବୋଧ ହିଁ ଆମକୁ ଉଦ୍ଦେଶ୍ୟଟିଏ ନେଇ ଜିଇଁବାର ପ୍ରେରଣା ଦିଏ । ତୁଳିଆର ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଦେଷ୍ଟା ଜଳେ ପଥପ୍ରଦର୍ଶକ ନିଜେ ପଥ ହୁଡ଼ିଯିବ । ତେଣୁ ନିଜସ୍ୱ ପଥରେ ଚାଲିବା କେବଳ ଏକ ପସନ୍ଦ ନୁହେଁ, ନିଜ ପ୍ରତି ଓ ନିଜର ମୂଲ୍ୟବୋଧ ପ୍ରତି ବିଶ୍ୱସ୍ତ ହେବା ପାଇଁ ଏକ ପ୍ରତିବଦ୍ଧତା । ଜୁଆଯାଏ, 'ମାଲଣ୍ଡ ଯୋର୍ ଓନ୍ ବିଜନେସ୍' । ନିଜ ଜଥା ନିଜେ ଦେଖ । ତେଣୁ ଯେଉଁ କାର୍ଯ୍ୟ କରିବାକୁ ଆମେ ନିର୍ଦ୍ଦେଶିତ ସେଥିରେ ଲାଗି ରହିବା ହିଁ ଶ୍ରେୟ । ଏ ସାରା ଜଗତ ଆଜି ନୃତ୍ୟରତ ସାପ ନଚାଳିମାନଙ୍କର ନୃତ୍ୟରେ ଝଙ୍କୃତ । ନିର୍ଦ୍ଧାରିତ କର୍ତ୍ତବ୍ୟକୁ ଆମେ ବିସ୍ମୃତି ଗଲେଣି କାହିଁ କେଦେଠାରୁ । ନିଜ ନିଜ ବୀଣାର ତାରରେ ସମସ୍ତେ ଏଠାରେ ନୃତ୍ୟରତ । ତା ସମ୍ବନ୍ଧରେ ଚାନ ହେଉଛି ଲୋଭର, ମୋହର ଓ ସ୍ୱାର୍ଥର । ଭୁଲୁଣ୍ଠିତ ଗଣ-ବ୍ୟକ୍ତିତ୍ୱର ଭଗ୍ନ ମଟ ଉପରେ ସାପୁଆର ନୃତ୍ୟ ଏମିତି ଚାଲିଛି ଓ ବିରଳାକ ଚାଲିଥିବ ଏବଂ ମୂଳ ପ୍ରଶ୍ନଟି ତଥାପି ରହିଥିବ ଅନୁତରିତ: "କ୍ୟୁଁ ନାଚେ ସପେରା ?"

ସାଂସ୍କୃତିକ ସ୍ୱୀକୃତି

ଫେବୁଆରି ୨୦୧୬ରେ ଜଟାଲୀୟ ହାଇଫେସନ୍ କଂପାନି 'ପ୍ରାଡା' ବ୍ରାଣ୍ଡ ବହନ କରୁଥିବା ୨,୦୦୦ ହଜାର କୋହ୍ଲାପୁରୀ ଚପଲ ଉଭୟ ପୃଥିବୀର ବିଭିନ୍ନ ସ୍ଥାନରେ ଥିବା କଂପାନିର ୪୦ଟି ଷ୍ଟୋରରେ ତଥା ଅନଲାଇନ ମାଧ୍ୟମରେ ବିକ୍ରୟ ପାଇଁ ଉପଲବ୍ଧ ହେବାକୁ ଯାଉଛନ୍ତି । 'ପ୍ରାଡା' କଂପାନି ଏଇ ଚପଲର ବିକ୍ରୟ ମୂଲ୍ୟ ହଜାରପିଛା ୯୩୯ ଡଲାର୍ ଲେଖାଏଁ ରଖିବାକୁ ଯାଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଭାରତର ବୁଟିକ ସରକାରୀ ସଂସ୍ଥା ସହିତ 'ପ୍ରାଡା' ସ୍ୱାକ୍ଷର କରିଥିବା ବୁଝି ଅନୁସାରେ କଂପାନି ଏଇ ଚପଲଗୁଡ଼ିକୁ ଭାରତର ମହାରାଷ୍ଟ୍ର ଓ କର୍ଣ୍ଣାଟକ ରାଜ୍ୟରେ ନିର୍ମାଣ କରିବ । କଂପାନିର ଘୋଷଣା ଅନୁସାରେ ଭାରତୀୟ ନିର୍ମାତାମାନଙ୍କର ପାରମ୍ପରିକ ନିର୍ମାଣ କୌଶଳ ସହିତ 'ପ୍ରାଡା'ର ଅତ୍ୟାଧୁନିକ ଜ୍ଞାନକୌଶଳର ମିଶ୍ରଣରେ ଏହି ଚପଲଗୁଡ଼ିକ ନିର୍ମିତ ହେବ । ଏଠାରେ ମନେ ପକାଇ ଦିଆଯାଇପାରେ ଯେ ଗତ ଜୁନ୍‌ରେ 'ପ୍ରାଡା' କୋହ୍ଲାପୁରୀ ଚପଲର ଭାରତୀୟ ପରିବେଷକ ଭୂତାର ତାହାକୁ ନିଜର ଉତ୍ପାଦନ ରୂପେ ପ୍ରଚାର କରି ଏକ ଗୁରୁତର ବିବାଦରେ ଛବି ହୋଇଯାଇଥିଲା । ଭାରତରେ ଏହା ଜଣାଶୁଣା ଯେ ଏଠାରେ ଲୋକପ୍ରିୟ ବେ ?ନଦିନ ବ୍ୟବହୃତ କୋହ୍ଲାପୁରୀ ଚପଲର ଜନୁସ୍ଥାନ ହେଉଛି ମହାରାଷ୍ଟ୍ରର କୋହ୍ଲାପୁର ଅଂଚଳ । ପ୍ରାୟ ଏକ ଶତାବ୍ଦୀ ଧରି ସେଠାକାର ପାରମ୍ପରିକ ନିର୍ମାତାମାନେ ଏଇ ସରଳ ସୁନ୍ଦର ହାଲୁକା ଚପଲମାନ ତିଆରି କରି ସାରା ଦେଶକୁ ଯୋଗାଉ ଆସୁଛନ୍ତି । ହଜେ କୋଡା ତିଆରି କରି ସେଥିରେ ସୂକ୍ଷ୍ମ କାରୁକାର୍ଯ୍ୟ ଖଞ୍ଜିବା ପାଇଁ ସେମାନଙ୍କୁ ସପ୍ତାହ ସପ୍ତାହ ଲାଗି ଯାଇଥାଏ । ପ୍ରତ୍ୟେକ ଚପଲ ହଜ ଏଇ ପାରମ୍ପରିକ ନିର୍ମାତାମାନଙ୍କର କଳାନୈପୁଣ୍ୟର ସ୍ୱାକ୍ଷର ବହନ କରିଥାଏ । ପ୍ରଥମ ଅବସ୍ଥାରେ ଧୋତି କିମ୍ବା ପାଇଜାମା ଜୁର୍ତ୍ତି ସହିତ ଏଇ କୋହ୍ଲାପୁରୀ ପାଦୁକା ଦେଶ୍ ଖାପ ଖାଇ ଯାଇଥିଲେ ହେଁ, ଭାରତୀୟମାନେ ଯେତେବେଳେ ପାଶ୍ଚାତ୍ୟ ପୋଷାକ ପରିଧାନ କରିବାକୁ ଲାଗିଲେ, ସେତେବେଳେ ଦେଖାଗଲା ଯେ କୋହ୍ଲାପୁରୀ ଚପଲ ଅନାୟାସରେ ଏହି ନୂତନ ପୋଷାକମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବାରେ ସଫଳ ହୋଇଗଲା । ବାସ୍ତବରେ ପାଶ୍ଚାତ୍ୟ ଜିନ୍‌ସ୍ ଓ ଭାରତୀୟ ଜୁର୍ତ୍ତା ପରିଧାନ କରିଥିବା ବ୍ୟକ୍ତିଙ୍କ ପାଦରେ କୋହ୍ଲାପୁରୀ ଚପଲ ଶୋଭା ପାଇବା ଏକ ବାଧ୍ୟତାମୂଳକ ଫେସନ୍ ନିୟମରେ ପରିଣତ ହୋଇଗଲା । ଜୁନ୍‌ରେ 'ପ୍ରାଡା' ଯେତେବେଳେ ଇଟାଲିର ମିଲାନ୍‌ଠାରେ ଅନୁଷ୍ଠିତ ତା'ର ଫେସନ୍ ପ୍ରଦର୍ଶନୀରେ କୋହ୍ଲାପୁରୀ ଚପଲକୁ ପ୍ରଦର୍ଶିତ କଲା, ତାହା ଏକ ହାଇଫେସନ୍ ପରିଧାନ ରୂପେ କୋହ୍ଲାପୁରୀ ଚପଲର ଖ୍ୟାତିକୁ ସୁଦୃଢ଼ କରି ତା' ପାଇଁ ଆନ୍ତର୍ଜାତିକ ଖ୍ୟାତି ନିର୍ଦ୍ଧିତ କଲା । 'ପ୍ରାଡା' କିନ୍ତୁ ସେତେବେଳେ ଏକ ଭୁଲ୍ କରି ବସିଥିଲା- ସେ ସେଇ ଚପଲର କୋହ୍ଲାପୁର ଉତ୍ପତ୍ତି ସମ୍ବନ୍ଧରେ ସଂପୂର୍ଣ୍ଣ ନିରବ ରହିଥିଲା । ଏହା ସେତେବେଳେ ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଥିଲା, ଯାହାକୁ ବୌଦ୍ଧିକ ଅଧିକାର ହରଣ ଓ ଏକ ନୂତନ ଧରଣର ଉପନିବେଶବାଦ ରୂପେ ସମାଲୋଚନା କରାଯାଇଥିଲା । ଅତୀତର ଉପନିବେଶବାଦ ରାଜୁତି କରୁଥିବା ବେଳେ ଖିପନିବେଶିକ ଶାସକମାନେ ସେମାନଙ୍କ ଉପନିବେଶସ୍ଥ ପାର୍ଥିବ ସମ୍ପଦମାନ ହରଣ କରିବାରେ ପ୍ରବୃତ୍ତ ଥିବାବେଳେ, ଆଜିର ଉପନିବେଶବାଦୀ କଂପାନିମାନେ ପୂର୍ବତନ ଉପନିବେଶମାନଙ୍କର ବୌଦ୍ଧିକ ସମ୍ପଦ ହରଣ କରିବାରେ ବ୍ୟସ୍ତପୂର ଅଛନ୍ତି ବୋଲି ଅଭ

ପୂର୍ବ ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଂଟନ (ପୁରୁଷ) ପ୍ରତିଯୋଗିତା

ସମ୍ବଲପୁର,୨୧/୧୨(ନି/ପ୍ର):ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗତ ଡିସେମ୍ବର ୧୭ ତାରିଖରୁ ଆୟୋଜିତ ହେଉଛି ପୂର୍ବାଂଚଳ ଜୋନ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତା ଯୋଯାଏ । ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଇଷ୍ଟୋର ଷ୍ଟାଡିୟମ ଠାରେ ଆୟୋଜିତ ହେଉଥିବା ଏହି ବ୍ୟାଡ଼ମିଂଟନ ପ୍ରତିଯୋଗିତା ରେ ପୁରୁଷ ବର୍ଗରେ ଚାରୋଟି ଶ୍ରେଷ୍ଠ ଦଳର ମନୋନୟନ ହୋଇଯାଇଛନ୍ତି ଯେଉଁ ମାନେ ଆନ୍ଧ୍ର ପ୍ରଦେଶ ର କୋଡ଼ୁରୁରୁ ଲକ୍ଷ୍ମୀମଣ୍ଡିୟା ଏଜୁକେସନ ଫାଉଣ୍ଡେସନ ବିଶ୍ୱବିଦ୍ୟାଳୟ ରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଂଟନ ପ୍ରତିଯୋଗିତା ରେ ଭାଗ ନେବେ । ପୂର୍ବ ଜୋନ୍ ରୁ ମୋଟ ୫୫ ଟି ବିଶ୍ୱବିଦ୍ୟାଳୟ ଦଳ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତାନ୍ତ୍ର ପ୍ରତିଯୋଗିତା ପରେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଆଚାର୍ଯ୍ୟ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗ, ଚିତିୟୁ ବିଶ୍ୱବିଦ୍ୟାଳୟ, ଗୋବୋଗୁପ୍ତ ବିଶ୍ୱବିଦ୍ୟାଳୟ ଆସନ୍ତା ଜାନୁଆରୀ'୧୫ ରୁ ୨୦ ତାରିଖ ଯାଏ କେ.ଏଲ.ଇ.ଡି., ଆନ୍ଧ୍ର ପ୍ରଦେଶ ଠାରେ ହେବାକୁ ଥିବା ପ୍ରତିଯୋଗିତା ରେ ଭାଗ ନେବେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ (ପୁରୁଷ) ପକ୍ଷରୁ ଯେଉଁମାନେପ୍ରତିନିଧିତ୍ୱ କରୁଛନ୍ତି, ସେମାନେ ହେଲେ, ଭମର ଅବଦୁଲ୍ଲା - ସରକାରୀ ସ୍ନାତକୋତ୍ତର କଲେଜ, ରାଉରକେଲା, ଭବନ କୁମାର ସିଂ - ଇରପାତ ସ୍ନାତକୋତ୍ତର କଲେଜ, ରାଉରକେଲା, ଅଭୟ କୁମାର ମୋହରାନା - ଲଣ୍ଟାଟ ସ୍ନାତକୋତ୍ତର କଲେଜ, ରାଉରକେଲା, ଶ୍ରେୟାନ୍ ପ୍ୟାରିଡା - କଳ୍ୟାଣୀ ରାଇ କଲେଜ, ରାଉରକେଲା, ଲକ୍ଷ୍ମଣ ପ୍ରେମ କୃଷ୍ଣ - ଜିସିପିଇ, କୁଲୁଣ୍ଡି, ରାକେଶ ରଂଜନ ସୈନ - ଜିସିପିଏ, କୁଲୁଣ୍ଡି, ତପୁନ୍ ସାହୋ - ସୁଇଟ ସମ୍ବଲପୁର । ଆଜି ମହିଳା ବର୍ଗ ର ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଂଟନ ପ୍ରତିଯୋଗିତା ମଧ୍ୟ ବିଜୁ ପଟ୍ଟନାୟକ ଇଷ୍ଟୋର ଷ୍ଟାଡିୟମରେ ପୂର୍ବ ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଂଟନ୍(ମହିଳା) ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଯେଉଁଠାରେ ପୂର୍ବ ଭାରତରେ ୪୦ ଟି ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି । ଆଜିର ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତା ର ଉଦ୍ଘାଟନୀ ଉତ୍ସବରେ କାର ?ଧ୍ୟନିର୍ବାହୀ କୁଳପତି ପ୍ରଫେସର ଫମ୍ପୁଆ ବାସ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର କୃଷ୍ଣାର କାନ୍ତି ଦାସ, ରେଜିଷ୍ଟ୍ରାର କାଉନସିଲ ର ସଚିବ ପ୍ରଫେସର ଦେବେନ୍ଦ୍ର ମହାଳିକ, ମ୍ୟାଚ ରେଫେରୀ ସୁଧୀର ମିଶ୍ର, ଶ୍ରୀତା ଅଧିକାରୀ ଡ଼. ଅବିନାଶ କର ପ୍ରମୁଖ ଉପସ୍ଥିତ ଥିଲେ । ମ୍ୟାଚ ପରିଚାଳନା କରିଥିଲେ ଓଡିଶା ବ୍ୟାଡ଼ମିଂଟନ ସଂଘର ସ୍ୱାକୃତିପ୍ରାପ୍ତ ଅମ୍ପାୟାର ଅଜିଶ ହାଁସଦା, ବାବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅଂଶୁମାନ ପାତ୍ର, ବିଶ୍ୱମୋହନ ଅଗରୀ, ହେମାନନ୍ଦ ଥପା, ବିକ୍ରମ ପଣ୍ଡା ଓ ଦେବେନ୍ଦ୍ର ଦାଣ୍ଡିପା । ଡ଼. ଅବିନାଶ କର, ଶ୍ରୀତା ଅଧିକାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ।

ହିଣ୍ଡାଲକୋ ଦ୍ୱାରା ପ୍ରାଣୀସମ୍ପଦ ଚିକିତ୍ସା ଶିବିର ଅନୁଷ୍ଠିତ

ସମ୍ବଲପୁର,୨୧/୧୨(ନି/ପ୍ର): ହିଣ୍ଡାଲକୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ସ୍ଥାନୀୟ ଜାକୁପଡା ଠାରେ ପ୍ରାଣୀସମ୍ପଦ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଅଛି । ହିଣ୍ଡାଲକୋର "ପ୍ରକଳ୍ପ - ବସୁଧା" ଆନୁକୂଲ୍ୟରେ ସହଯୋଗୀ ସଂସ୍ଥା ଡାଏଫ ଦ୍ୱାରା ଏକ ବିଶାଳ ପଶୁସମ୍ପଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜାକୁପଡା, ହୀରାକୁଦ, ମହଳବପୁର, ଡେଙ୍କିମଡା, ନୂଆଆମଡା ଇତ୍ୟାଦି ବିଭିନ୍ନ ସାହି ଓ ଗ୍ରାମାଂଚଳରୁ ବହୁ ପ୍ରାଣୀସମ୍ପଦ ଚାଷୀ ଏହି ଶିବିରରେ ନିଜର ପ୍ରାଣୀସମ୍ପଦ ଚିକିତ୍ସା କରିବା ସହ ଆବଶ୍ୟକ ଔଷଧ ନିଶୁଳ୍କରେ ଆବଟନ କରାଯାଇଥିଲା । ଏହି ଶିବିରରେ ସର୍ବମୋଟ ୧୦୮ଟି ଗୃହପାଳିତ ପ୍ରାଣୀ ମଧ୍ୟରୁ ୭୩ଟି ଗୋ ସମ୍ପଦ ଏବଂ ୩୫ଟି ଗୃହପାଳିତ ଛେଳି କୁ ଅଲିଖି ପ୍ରାଣୀସମ୍ପଦ ଡାକ୍ତର ଡାଣ୍ଡିଣୀ ରଞ୍ଜନ ପ୍ରଧାନ ଦ୍ୱାରା ଚିକିତ୍ସା କରାଯାଇଥିଲା । ଗାଈର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ, ଡାକ୍ତରଙ୍କ ପରାମର୍ଶ ରୁ ମେମାଣଣାରେ ଔଷଧ ପ୍ରଦାନ କରା ଯାଇଥିଲା ।ପ୍ରାଣୀ ସମ୍ପଦକୁ ଡାକ୍ତର ଖାନାକୁ ନେଇ ଚିକିତ୍ସା କରିବାରେ ଅସୁବିଧା ଥିବା ସମୟରେ, ଚିକିତ୍ସା ଶିବିର ମାଧ୍ୟମରେ ହିଣ୍ଡାଲକୋ ଦ୍ୱାରା ପ୍ରାଣୀସମ୍ପଦ ଚିକିତ୍ସା ପ୍ରାୟଶକୁ ଗ୍ରାମବାସୀମାନେ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଡାଏଫ ସଂସ୍ଥା ଏବଂ ହିଣ୍ଡାଲକୋ ରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ କର୍ମଚାରୀମାନେ ସହଯୋଗ କରିଥିଲେ । ଏହିପରି ପ୍ରାଣୀସମ୍ପଦ ଚିକିତ୍ସା ଶିବିର ଜନସାଧାରଣଙ୍କ ପାଇଁକରିଥିବା ହେତୁ ହୀରାକୁଦ ସରକାରୀ ପ୍ରାଣୀସମ୍ପଦ ଚିକିତ୍ସାଳୟର ମୁଖ୍ୟ ଡକ୍ଟର ଡାଣ୍ଡିଣୀ ପ୍ରଧାନ ହିଣ୍ଡାଲକୋକୁ ସାଧୁବାଦ ଦେଇଥିଲେ ।ଜାକୁପଡାର ପ୍ରାଣୀସମ୍ପଦ ଚାଷୀ ଶ୍ରୀ ଅର୍ଜୁନ ସିଂ ଏହିପରି ଶିବିର ହୋଇଥିବା ହେତୁ ହିଣ୍ଡାଲକୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗକୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ ।

ସେବାହିଁ ଜୀବନର ମୂଳମନ୍ତ୍ର,ମୁଁ ଜିଲ୍ଲାପାଳ ନୁହଁ ଜିଲ୍ଲାର ସେବକ-ଜିଲ୍ଲାପାଳ

ଭଦ୍ରକ ଜିଲ୍ଲା ଆଶା ଗ୍ରାମକଲ୍ୟାଣ ସମିତିର ସମାବେଶ

ଭଦ୍ରକ, ୨୧/୧୨(ନି/ପ୍ର): ସେବାହିଁ ଜୀବନର ଉତ୍କର୍ଷ, ସେବାହିଁ ମୂଳମନ୍ତ୍ର ମାନବ ସେବୋଠାରୁ ବଳି ଦୁର୍ଲ୍ଲଭ କାର୍ଯ୍ୟ ନାହିଁ।ତେଣୁ ମୁଁ ଏ ଜିଲ୍ଲାର ଜିଲ୍ଲାପାଳ ନୁହଁ ବରଂ ଜିଲ୍ଲାର ପ୍ରଥମ ସେବକ ।କାର୍ଯ୍ୟମନୋବାକ୍ୟରେ ମାନବ ସେବାକରିବା ଦ୍ୱାରା ବିଭୁକୃପା ଲାଭହୁଏ । ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ୨୦୦୫ ମସିହାରୁ କେନ୍ଦ୍ର ସରକାରଙ୍କ କାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟ କରୁଥିବା ଆଶା କର୍ମୀମାନେ ସ୍ୱାସ୍ଥ୍ୟସେବାର ମୁଖ୍ୟ କର୍ଣ୍ଣଧାର ପାଲଟିଛନ୍ତି ।ପ୍ରଜନନ,ଶିଶୁ ସ୍ୱାସ୍ଥ୍ୟ,ଟୀକାକରଣ ଠାରୁ ପ୍ରସବ,ଶିଶୁ ଯତ୍ନ,ପରିବାର ନିୟୋଜନ ପର୍ଯ୍ୟନ୍ତ ସବୁଠି ଆଶାମାନେ ତାଙ୍କର ପାରଦର୍ଶିତା ଦେଖାଇଚାଲିଛନ୍ତି ।ଖାଲି ସେତିକି ନୁହେଁ ଯକ୍ଷ୍ମା,କୁଷ୍ଠ ନିରାକରଣ,ଅଣସଂକ୍ରାମକ ରୋଗ ଯଥା କର୍କଟ,ରକ୍ତଚାପ ,ହୃଦ ରୋଗ ଆଦି ରୋଗର ନିରୂପଣ ,ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏମାନଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ ।କେବଳ ରୋଗର ଚିକିତ୍ସା ନାହିଁକି ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଆଶାମାନେହିଁ ଆରାଧାଦ୍ରିରେ କାମକରନ୍ତି ।ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶାମାନେ ବିଗତଦିନମାନଙ୍କରେ ଉଦାହରଣ ସୃଷ୍ଟିକରି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କର ପ୍ରଶଂସାଭାଜନ ହୋଇପାରିଛନ୍ତି । ଏଥିପାଇଁ ସେମାନଙ୍କୁ ଅଧିକ ପ୍ରେରଣା ଓ ଉତ୍ସାହ ଯୋଗେଇଦେବାକୁ ଏମିତି ଏକ କାର୍ଯ୍ୟକ୍ରମର ପରିକଳ୍ପନା । ପରିମଳ ବ୍ୟବସ୍ଥା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ଏହି ବ୍ୟବସ୍ଥାର ସୁ-ପରିଚାଳନା ନିମନ୍ତେ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମ କଲ୍ୟାଣ ସମିତି ଓ ସହରାଂଚଳରେ ମହିଳା ଅରୋଗ୍ୟ ସମିତିମାନ ଗଠନ କରି ସେମାନଙ୍କୁ ପାଣ୍ଠି ଯୋଗାଇଦେଇଛନ୍ତି ।ଏହାର ଉପଯୁକ୍ତ ପରିଚାଳନାରେ ସ୍ୱାସ୍ଥ୍ୟ ସେବା ଅଧିକ ଫଳପ୍ରସୂ ହୁଏ ।ଆଶା କର୍ମୀ ,ସ୍ୱାସ୍ଥ୍ୟକର୍ମୀ,ଏବଂ ସ୍ୱାସ୍ଥ୍ୟବିଭାଗରେ କାର୍ଯ୍ୟକରୁଥିବା ସମସ୍ତେ ସେବାମନୋଭାବ ,ଉଚ୍ଚମ ବ୍ୟବହାର ଓ ସକାରାତ୍ମକ ମନୋଭାବ ନେଇ କାର୍ଯ୍ୟକଲେ ହିଁ ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ପଲ୍ଲବ ଉନ୍ନତି ସାଧିତ ହୋଇପାରିବ ।ତେଣୁ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ସଫଳତା ଓ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଆଶା କର୍ମୀମାନଙ୍କୁ ପୁରସ୍କୃତ କରି ସେମାନଙ୍କ ସଫଳତାର କାହାଣୀ ଅନ୍ୟମାନଙ୍କୁ ଅବଗତ କରାଇ ଅନୁପ୍ରେରିତ କରିବା ସହ ସଫଳ ଗ୍ରାମକଲ୍ୟାଣ ଓ ମହିଳା ଆରୋଗ୍ୟ ସମିତିମାନଙ୍କୁ ପୁରସ୍କୃତ କରି ସେମାନଙ୍କୁ ଅଧିକ କାର୍ଯ୍ୟଦକ୍ଷ କରାଇବା ଜିଲ୍ଲା ଆଶା ଓ ଗ୍ରାମକଲ୍ୟାଣ ସମିତି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ଓ ଉଦଘାଟକ ଭାବେ ଯୋଗଦେଇ ଜିଲ୍ଲାପାଳ ବିଶ୍ୱାସ କୁମାର ରାଉତରାୟ ନିଜ ଅଭିଭାଷଣରେ କହିଛନ୍ତି । ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ସହିତ ସ୍ମୃତି ଭବନରେ ଆୟୋଜିତ ଏହି ସମାବେଶରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହ ଚିକିତ୍ସାଧିକାରୀ,ପରିବାର ନିୟୋଜନ ଡାକ୍ତର ଜନକଲତା ସାହୁ,ଜିଲ୍ଲା ସହ ଚିକିତ୍ସାଧିକାରୀ ଡାକ୍ତର ସଂଗୀତା ବଳ,ଡାକ୍ତର ସନ୍ତୋଷ କୁମାର ପୃଷ୍ଟି,ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ରିନାରାଣୀ ପାତ୍ର,ସମ୍ମାନିତ ବକ୍ତା ଭାବେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବନବିହାରୀ ମିଶ୍ର,ଜିଲ୍ଲା ବିତ ପରିଚାଳକ ନୀଳ ମାଧବ ରଥ ପ୍ରମୁଖ ଯୋଗ ଦେଇଥିଲେ ।

ବନଖଣ୍ଡସ୍ତରୀୟ ଏକ ଦିବସୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ସମ୍ବଲପୁର,୨୧/୧୨(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମନଜିରା ବ୍ଲକ୍ ବାମରା ବନଖଣ୍ଡ ଜମନଜିରା ରେଞ୍ଜ ଲୋଜପୁର କାର୍ଯ୍ୟାଳୟ ପରିସରରେ ବନଖଣ୍ଡ ସ୍ତରୀୟ ଏକ ଦିବସୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମନୁଷ୍ୟ ବନ୍ୟପ୍ରାଣୀ ସହବାସ୍ଥାନ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଏସଏସ ସାଥି, ପ୍ରକୃତି ପ୍ରେମୀ, ଫରେଷ୍ଟର, ରେଞ୍ଜର, ଗାର୍ଡ, ଓ୍ୱାଚାର ଓ ଡିଏଫଓ ହାତୀର ଅଧିକାର ତଥା ହାତୀ ସମାଜ ର ଜଣେ ସହଯୋଗୀ ଅଙ୍ଗ ବୋଲି ବିସ୍ତୃତ ଆଲୋଚନା କରିଥିଲେ । ବାମରା ବନଖଣ୍ଡର ଖଣ୍ଡିୟ ବନାଧିକାରୀ ବିକ୍ରମ ଦେବ ପଟ୍ଟନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଅରୁଣାଚଳ ପ୍ରଦେଶ, ମିଜୋରାମ, ଆଣ୍ଡାମାନ ନିକୋବର ବୀପାପୁଞ୍ଜର ପିସିସିଏଫ ଆଇଏଫଏସ ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ଗଜରାଜ ଶ୍ରୀ ଗଣେଶ ବିଘ୍ନନାଶନଙ୍କ ବାହାନ, ସେ ଆମର ଶତ୍ରୁ ନୁହନ୍ତି ବୋଲି କହିଥିଲେ । ଏବଂ। କଳିଙ୍গ ସାମ୍ରାଜ୍ୟ ୧ ଲକ୍ଷ ହାତୀଙ୍କ ଡାକରେ ଗଗନ ପ୍ରକମ୍ପିତ କରୁଥିବା ବେଳେ ଆଜି ମାତ୍ର ୨ ହଜାର ହାତୀ ରାଜ୍ୟରେ ଦେଖିବାକୁ ମିଳୁଛି । ତେଣୁ ତୁରନ୍ତ ଆମେ ସଚେତନ ହୋଇ ଆମର ଭାବନା ଶତ୍ରୁତାକୁ ଏଡାଇ ସେମାନଙ୍କୁ ରହିବା ପାଇଁ ଉପଯୁକ୍ତ ସ୍ଥାନ ଦେବା ଉଚିତ୍ । ମଣିଷ ସମାଜରେ ହାତୀ ଏକ ଅଂଶ ବିଶେଷ , ସେମାନଙ୍କୁ ଆମେ କେବେ ବି ତୁରେଇ ପାରିବା ନାହିଁ ବୋଲି କହିଥିଲେ ଶ୍ର ସେହିପରି ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଚନ୍ଦନ ବନଖଣ୍ଡ ଅଧିକାରୀ ପିସିସିଏଫ, ଆଇ ଏଫ ଏସ୍ ସାତକୋଶିଆ ଡିଭିଜନର ସୁରେଶ ଚନ୍ଦ୍ର ମିଶ୍ର କହିଥିଲେ ହାତୀ ଏବେ ସଙ୍କଟରେ , ବନ୍ୟଜନ୍ତୁ ନ ରହିଲେ ଜଙ୍ଗଲ ରହିବ ନାହିଁ । ଲଣ୍ଡରାଙ୍କ ସୃଷ୍ଟିରେ ହାତୀ ବି ଗୋଟିଏ ପ୍ରାଣୀ, ତେଣୁ ଆମେ ସେମାନଙ୍କୁ ସୁରକ୍ଷା ଦେଇ ବଚିବାର ସୁଯୋଗ ଦେବା ଆବଶ୍ୟକ । ଏହି ଅବସରରେ ଏଭର ଗ୍ରୀନର ପ୍ରମୁଖ, ତଥା ସମ୍ବଲପୁର ସଭାପତି ପ୍ରକାଶ ଚନ୍ଦ୍ର ଜେନା ନିଜ ଉଦବୋଧନରେ ହାତୀ ଗୋଟିଏ ତୃଣଭୋଜୀ ପ୍ରାଣୀ, ସେମାନଙ୍କୁ ଆମେ ସାଙ୍ଗରେ ନେଇ ସୁସ୍ଥ ସମାଜ ଗଢିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଉଦାହରଣ ଦେଇ ସଚେତନ କରାଇଥିଲେ । ଏହି ଅବସରରେ ବାମରା ବନଖଣ୍ଡ ଅଧିକାରୀ ଅତି ସମବେଦନଶୀଳ ରାଖିଯାରେ ହାତୀ ମାଗୁଛି ମୋତେ ମୋ' ଅଧିକାର ଦିଅ, ନତେତ ମୋର ଜାଗା ମୋତେ ଦେଖାଇ ଦିଅର ବିଶ୍ୱେଷଣ ଉପସ୍ଥିତ ମହଳଙ୍କ ବେଶ୍ ହୃଦୟଙ୍ଗର୍ମୀ ହୋଇଥିଲା । ବଡ଼ରମା ବନଖଣ୍ଡ ଜମନଜିରା ବଡ଼ରମା, ଜମନଜିରା ରେଞ୍ଜ ର ସମସ୍ତ ଜି ଏସ ଏସ ସାଥି, ଗ୍ରାମାଂଚଳ ପ୍ରତିନିଧି, ଜଳ ସାଥି, ପ୍ରକୃତି ପ୍ରେମୀ, ବୁଦ୍ଧିଜୀବୀ ଏବଂ ଜନସାଧାରଣ ମଂ ସ୍ଥାନ ଅତିଥିମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିବା ସହ ହାତୀଙ୍କୁ ଆମେ ଯିବା ଆସିବା ପାଇଁ ଗୋଟେ ସ୍ୱତନ୍ତ୍ର ରାସ୍ତା ଦେବା କହି ଅତିଥିଙ୍କ ଠାରୁ ସଠିକ୍ ଉତ୍ତର ପାଇ ସନ୍ତୁଷ୍ଟ ହୋଇଥିଲେ ।ଏହି ସଭାରେ ଜମନଜିରାରୁ ଗୋକୁଳାନନ୍ଦ ଦାନୀ, ବଡ଼ମାଳ ରୁ ହୃଦାନନ୍ଦ ନାଏକ,ଆବି ପ୍ରସାଦ ମହାକୁଡ, ମିନ୍ତୁଭାନୁ ଦେହେରା,ଲଳିତ ପଧାନ, ଗୋବର୍ଦ୍ଧନ ସାହୁ ଭଳି ଅନେକ ଜନସାଧାରଣ ଉପସ୍ଥିତ ରହି ହାତୀ ହାମର ସାଥି ଓ ଜଙ୍ଗଲ ରକ୍ଷା କରିବା ଆମର ଦାୟିତ୍ୱ ବୋଲି ଶପଥ ନେଇଥିଲେ । ଏହି ଅବସରରେ ବାମରା ବନଖଣ୍ଡ ପାଟୋଟିବନାଚଳ ଅଧିକାରୀର ରେଞ୍ଜର ଲକ୍ଷ୍ମୀକାନ୍ତାରାଣ ନାଏକ, ଲେଖାରାଣୀ ମହାନନ୍ଦ, ଗିରିଧାରୀ ପଧାନ, ବାପକ ରଞ୍ଜନ ମହାନନ୍ଦ, ମହେନ୍ଦ୍ର କୁମାର ପଧାନ ଙ୍କ ସହ ଫରେଷ୍ଟର ହେମନ୍ତ କୁମାର ମିଶ୍ର, ଶିଶିର କୁମାର ସାମଲ, ଦେବରାଜ ସୁଣ୍ଡୁ ଅନେକ ଫରେଷ୍ଟର ଙ୍କ ସହ ଫରେଷ୍ଟ ଗ୍ୱାର୍ଡ, ଗାର୍ଡ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିବା ବେଳେ ଶେଷରେ ଆଲୋକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ ଜଣାଇଥିଲେ ।

ସମ୍ବଲପୁର ଜିଲ୍ଲା ରେଡ଼ାଖୋଲ ସହରର ଭୀମ ଭୋଇ ମହାବିଦ୍ୟାଳୟରେ କ୍ରୀଡ଼ା ସଂସଦର ବାର୍ଷିକସୋବ

ଝାରସୁଗୁଡ଼ା-ସମ୍ବଲପୁର ଜିଲ୍ଲାର ସୀମାରେ ରହିଛି 'ଆମମୁଣ୍ଡା' ଗାଁ

ମୌଳିକ ସୁବିଧାକୁ କରିଛନ୍ତି ଅପେକ୍ଷା

ଲଇକେରା,୨୧/୧୨(ନି/ପ୍ର): ଦେଶ ସ୍ୱାଧୀନତା ପ୍ରାପ୍ତିରୁ ୭୮ ବର୍ଷ ଅତିକ୍ରାନ୍ତ କରିସାରିଛି । କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ ପାଇଁ କାମ କରୁଥିବା କଥା କହୁଛନ୍ତି । ୨୨ବର୍ଷ ପରେ ଅର୍ଥାତ ୨୦୪୭ରେ ଭାରତ ସରକାର 'ବିକଶିତ ଭାରତ' ପାଇଁ ରୋଡ୍‌ମ୍ୟାପ୍ କରିଛନ୍ତି । ଅନ୍ୟପଟରେ ୧୧ ବର୍ଷ ପରେ ଓଡ଼ିଶା ସରକାର ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ କରିବେ । ଶତବାର୍ଷିକ ପାଳନ କରିବା ପୂର୍ବରୁ ଗାଁରୁ ସହର ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପରିକଳ୍ପନା କରାଯାଉଛି । ବିକାଶ ପାଇଁ ଏତେ ଚର୍ଚ୍ଚା ହେଉଥିବା ବେଳେ ତୃଣମୂଳ ସ୍ତରରେ ଲୋକେ କେମିତି ରହୁଛନ୍ତି, ଅତି ନିଜଟରୁ ଦେଖିଲେ ଯାଇ ବିଶ୍ୱାସ କରିହେବ । ଝାରସୁଗୁଡ଼ା ଓ ସମ୍ବଲପୁରଜିଲ୍ଲା ସୀମାରେ ରହିଛି ଆମମୁଣ୍ଡା ଗାଁ । ଏହି ଗାଁର ଅଧା ଲୋକ ଝାରସୁଗୁଡ଼ାର ନିବାସୀ ହୋଇଥିବା ବେଳେ ବାକି ଲୋକମାନେ ସମ୍ବଲପୁର ଜିଲ୍ଲାର ପରିଚୟ ଦେଇଥାନ୍ତି । ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଜାମମାଲ ପଂଚାୟତର ତପସୁଣ୍ଡା ପଂଚାୟତର ୧୧ଟି ୱାର୍ଡ଼ର ମୋଟ ଭୋଟର ସଂଖ୍ୟା ୨୯୭୬ ଜଣ । ଏଥିରୁ ପୁରୁଷ ଭୋଟର ସଂଖ୍ୟା ୧୪୭୫ ହୋଇଥିବା ବେଳେ ମହିଳା ଭୋଟର ସଂଖ୍ୟା ୧୫୦୧ ଜଣ । ପଂଚାୟତର ଉତ୍ତର ପୂର୍ବ ଦିଗରେ ରହିଛି ତପସୁଣ୍ଡା ଗ୍ରାମର ଆମମୁଣ୍ଡା । ଏହି ଗ୍ରାମର ଗୋଟିଏ ପଡ଼ା ହେଉଛି ଆମ ମୁଣ୍ଡାପଡ଼ା । ଏହି ପଡ଼ାକୁ ଯିବାପାଇଁ ହେଲେ ଭଲ ରାସ୍ତା ତିଏ ନାହିଁ । ଗ୍ରାମର ହାରାହାରି ୩୦ରୁ ୩୫ ପରିବାର ବସବାସ କରୁଛନ୍ତି । ସେଥିମଧ୍ୟରୁ ୮ରୁ ୧୦ଟି ପରିବାର ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ପଂଚାୟତରେ ହୋଇଥିବା ବେଳେ ୨୫ ପରିବାର ଝାରସୁଗୁଡ଼ା ଜିଲ

ଅବୈଧ ନକଲି ଲଟେରୀର ପର୍ଦ୍ଦାଫାସ:୪ ଅଭିଯୁକ୍ତ ଗିରଫ ୨୫,୩୭,୨୬୦ ଟଙ୍କା ଜବତ

ରାଉରକେଲା,୨୧/୧୨(ନି/ପ୍ର): ଅବୈଧ ଲଟେରୀ କାର୍ଯ୍ୟ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ରାଉରକେଲା ପୋଲିସ ଆଜି ଡିସେମ୍ବର ୨୦ ତାରିଖରେ ରାଉରକେଲା ସହର ସୀମା ମଧ୍ୟରେ କାର୍ଯ୍ୟ କରୁଥିବା ଏକ ନକଲି ଲଟେରୀ ରାଜେଟର ପର୍ଦ୍ଦାଫାଶ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ୨୫ ଲକ୍ଷ ୩୭ ହଜାର ୨୬୦ ଟଙ୍କା ଜବତ୍ କରାଯାଇଛି ବୋଲି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ବିଶ୍ୱସ୍ତ ସୂଚନା ପାଇ ରାଉରକେଲା ପୋଲିସ ତା୨୦.୧୨.୨୦୨୫ରିଖ ଦିନ ସହରରେ ବିଭିନ୍ନ ସ୍ଥାନରେ ତଦାଉ କରିଥିଲା । ତଦାଉ ସମୟରେ, ବିପୁଳ ପରିମାଣର ବେଆଇନ ଏବଂ ନକଲି ଲଟେରୀ ଜବତ କରାଯାଇଥିଲା । ଏଥିସହିତ ମଧ୍ୟ ୨୫,୩୭,୨୬୦ ଟଙ୍କା ସହ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଥିଲା । ଏହି ରାଜେଟର ମୁଖ୍ୟ ଅଭିଯୁକ୍ତ ବର୍ତମାନ ରାଉରକେଲା ମେନ୍ ରୋଡରେ ରହୁଥିବା ସଞ୍ଜୟ ସାହୁ (୫୧)ଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ସହଯୋଗୀ ଭଜନ କୁମାର ଘୋଷ ଏବଂ ବିନୋଦ କୁମାର ସାହୁଙ୍କ ସହ ମିଶି ଏହି ରାଜେଟକୁ ପରିଚାଳନା କରୁଥିଲେ ଏବଂ ସେମାନଙ୍କ ଏଜେଣ୍ଟମାନଙ୍କ ମାଧ୍ୟମରେ ଏହାକୁ ବଣ୍ଟନ କରୁଥିଲେ । ସେମାନେ ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲଟେରୀ କିଣିବାକୁ ଲୋକଙ୍କୁ ପ୍ରଲୋଭିତ କରୁଥିଲେ । ଅଭିଯୁକ୍ତମାନେ ଲଟେରୀ ଜାଲ କରି ସାଧାରଣ ଲୋକଙ୍କୁ ଏବଂ ସରକାରଙ୍କୁ ଠକୁଥିଲେ । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ବିହାର ରୋହତାସ ଜିଲ୍ଲାର ସାସାରାମ ଗ୍ରାମର ହୋଇଥିଲା ବେଳେ ବର୍ତମାନ ରାଉରକେଲା ମେନ୍ ରୋଡରେ ରହୁଥିବା ସଞ୍ଜୟ ସାହୁ (ବୟସ ୫୧ ବର୍ଷ), ଦ୍ୱିତୀୟ ଅଭିଯୁକ୍ତ ପଶ୍ଚିମ ବଙ୍ଗ ବାଙ୍କୁରା ଜିଲ୍ଲାର ଛାତନା ଥାନା ଅନ୍ତର୍ଗତ ଖିରପାଇ ଗ୍ରାମର ହୋଇଥିଲା ବେଳେ ବର୍ତମାନ ରାଉରକେଲା ସେକ୍ଟର-୧୬ରେ ରହୁଥିବା ରାଜେଶ କୁଣ୍ଡୁ (ବୟସ ୫୦ ବର୍ଷ), ତୃତୀୟ ଅଭିଯୁକ୍ତ ଓଡିଶାର ଜଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ରାଣିଗୋଲା ଗ୍ରାମର ହୋଇଥିଲା ବେଳେ ବର୍ତମାନ ରାଉରକେଲା ସେକ୍ଟର-୨ରେ ରହୁଥିବା ବୁଢୁନା ମଲ୍ଲିକ (ବୟସ ୪୮ ବର୍ଷ) ଏବଂ ଚତୁର୍ଥ ଅଭିଯୁକ୍ତ ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜସପା କ୍ୱାର୍ଟର ନମ୍ବର ଇଏଫ/୨୦୧ର ଭଜନ କୁମାର ଘୋଷ (ବୟସ ୬୬ ବର୍ଷ)। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୨୫,୩୭,୨୬୦/- ଟଙ୍କା (ପଚିଶ ଲକ୍ଷ ସର୍ତତିରିଶ ହଜାର ଦୁଇ ଶହ ଷାଠିଏ ଟଙ୍କା କେବଳ) ବିଭିନ୍ନ ମୂଲ୍ୟର । ବିଭିନ୍ନ ପ୍ରକାରର ୮ଟି ମୋବାଇଲ୍ ଫୋନ୍। ୫ଟି ନୋଟ୍ ଖାତା, ସାମସଙ୍ଗ ମନିଟର୍,ଆଇବଲ୍ ଯୁଫିଏସ୍, ଆଇବଲ୍ ସିପିୟୁ, ଗୋଟିଏ କୀ-ବୋର୍ଡ ଥିବା ଗୋଟିଏ ଡେସ୍କଟପ୍ କମ୍ପ୍ୟୁଟର ସେଟ୍, ଗୋଟିଏ କାନନ୍ ପ୍ରିଂଟର। ଅଭିଯୁକ୍ତଙ୍କ ବିରୋଧରେ ପ୍ଲାଟସାଇଡ୍ ଥାନାର ମାମଲା ନମ୍ବର ୧୧୩୯, ତାରିଖ ୨୦.୧୨.୨୦୨୫ ଲଟେରୀ (ନିୟନ୍ତ୍ରଣ) ଆଇନ ୧୯୯୮ର ଧାରା ୭(୩) ଅନୁଯାୟୀ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହିତ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖାଧଖାଡ଼ୀଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ର, ପାନପୋଷ ଏସଡିପିଓ ରଣ୍ଜିରଞ୍ଜନ ମହାପାତ୍ର, ଡିଏସପି ଯୋଗେଶ୍ୱର ପଣ୍ଡାଙ୍କ ସହ ଅନ୍ୟାନ୍ୟ ପୋଲିସ୍ ଅଧିକାରୀ ଉପସ୍ଥିତ ଥିଲେ ।

ବ୍ରାହ୍ମଣୀତରଙ୍ଗ ପୋଲିସ୍ ଦ୍ୱାରା ପିସ୍ତଲ ଓ ଗୁଳି ସହ ୧ ଅଭିଯୁକ୍ତ ଗିରଫ

ରାଉରକେଲା,୨୧/୧୨(ନି/ପ୍ର): ଗତକାଲି ୨୦ ତାରିଖ ଦିନ ୧୧ଟା ସମୟରେ ବଜରଙ୍ଗ ନାମକ ଜଣେ ବ୍ୟକ୍ତି ତାଙ୍କ ଗ୍ରାହକମାନଙ୍କୁ ଅବୈଧ ଅସ୍ତ୍ରଶସ୍ତ୍ର ବିକ୍ରୟ କରୁଥିବା ସୂଚନା ପାଇ ବ୍ରାହ୍ମଣୀତରଙ୍ଗ ଥାନା ଆଇଆଇସିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏସ୍.ଆଇ. ସଂଗ୍ରାମ କେଶରୀ ସ୍ୱାଇଁ, ଏ.ଏସ୍.ଆଇ. ବି.କେ. ନାୟକ, ସିଆର ହାବିଲଦାର ସୁଶାନ୍ତ ବେହେରା ଏବଂ କନେଷ୍ଟବଲ ବିମଳ ଟପ୍ପୋ ବୁଢୁଟୋଲା ଅଟଂକୁଲ ଯାଇଥିଲେ। ଅପରାହ୍ନ ପ୍ରାୟ ୨.୫୫ ସମୟରେ ସେମାନେ ଦେଖିବାକୁ ପାଇଥିଲେ ଯେ, ବୁଢୁଟୋଲା ପୋଖରୀ ପାର୍ଶ୍ୱରୁ ଜଣେ ବାଇକ (ଡବ-୧୪-ଏ-୪୦୫୪) ରେଜିଷ୍ଟ୍ରେସନ ନମ୍ବର ଥିବା ଏକ ପଲସର ମୋଟରସାଇକେଲ ଚଢ଼ି ଆସୁଥିବାର ଦେଖାଯାଇଥିଲା । କିଛି ଦୂରରେ ସେମାନେ ତାଙ୍କୁ ଧରିବାରେ ସଫଳ ହୋଇଥିଲେ। ସାକ୍ଷୀମାନଙ୍କ ଉପସ୍ଥିତିରେ ପୋଲିସ୍ ତାଙ୍କର ବ୍ୟକ୍ତିଗତ ତଲାସୀ ନେଇଥିଲେ। ବ୍ୟକ୍ତିଗତ ତଲାସୀ ସମୟରେ ସମିଲ୍, ଲୋଟସ ଗ୍ରାମର ବଜରଙ୍ଗ ଓରଫ୍ ପ୍ରଦୁମ୍ନ ସିଂହ (୨୨) ଗୋଟିଏ ଗୁଳି ଲୋଡ ଥିବା ଦେଶୀ ନିର୍ମିତ ପିସ୍ତଲକୁ ପୋଲିସ୍ ଜବତ କରିଥିଲା। ପଚରାଉଚରା ସମୟରେ ସେ କହିଥିଲେ ଯେ ସେ ଝାଡ଼ଖଣ୍ଡରୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ସଂଗ୍ରହ କରୁଛନ୍ତି ଏବଂ ରାଉରକେଲା ଏବଂ ସୁନ୍ଦରଗଡ଼ର ବିଭିନ୍ନ ଗ୍ରାହକମାନଙ୍କୁ ବିକ୍ରି କରୁଛନ୍ତି। ପ୍ରମାଣୀକରଣ ବିନା ସେ ଅସ୍ତ୍ରଶସ୍ତ୍ର ରଖିଥିବାରୁ ଏସ୍ଆଇ ଏସ୍ କେ ସ୍ୱାଇଁ ତାଙ୍କଠାରୁ ଗୋଟିଏ ଦେଶୀ ନିର୍ମିତ ପିସ୍ତଲ ଏବଂ ଗୋଟିଏ ଜୀବନ୍ତ ଗୁଳି ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଜରଙ୍ଗ ଓରଫ୍ ପ୍ରଦୁମ୍ନସିଂହ (୨୨) ପୁଅ ବିନ୍ଦେଶ୍ୱର ସିଂହ, ଗ୍ରାମ ଲୋଟସ୍, ସମିଲ୍, ପି.ଏସ୍.ବି. ତରଙ୍ଗ, ରାଉରକେଲା, ଜିଲ୍ଲା ସୁନ୍ଦରଗଡ଼ ହୋଇଥିଲା ବେଳେ ସେ ମୁକେଶ ମାଲଜରଙ୍କ ଭଡା ଘର, ବୁଢୁଟୋଲାରେ ରହୁଥିଲା। ଅଭିଯୁକ୍ତ ନିକଟରୁ ଗୋଟିଏ ଦେଶୀ ନିର୍ମିତ ପିସ୍ତଲ ଏବଂ ଗୋଟିଏ ଜୀବନ୍ତ ଗୁଳି ଜବତ କରାଯିବା ସହ ଗୋଟିଏ ବଜାଜ ପଲସର ମୋଟର ସାଇକେଲ ଯାହାର ରେଜିଷ୍ଟ୍ରେସନ୍ ନମ୍ବର- ଡବ-୧୪-ଏ-୪୦୫୪ (ଲାଲ ଏବଂ କଳା ରଙ୍ଗ)। ଅଭିଯୁକ୍ତଙ୍କ ବିରୋଧରେ ବ୍ରାହ୍ମଣୀତରଙ୍ଗ ଥାନାରେ କେସ୍ ନମ୍ବର ୫୨୬ ରୁଜୁ କରାଯିବା ସହିତ ଆର୍ମସ୍ ଏକ୍ଟର ଧାରା ୨୫(୧-ଏ)ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

ଜିଙ୍ଗଲ ବେଲ ଇଂଲିଶ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ରାଉରକେଲା,୨୧/୧୨(ନି/ପ୍ର): ଛେଣ୍ଡ ସ୍ଥିତ ଜିଙ୍ଗଲ ବେଲ ଇଂଲିଶ ସ୍କୁଲ ର ୨୦ତମ ବାର୍ଷିକ ଉତ୍ସବ ଶନିବାର ଦିନ ଅପରାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉତ୍କଳ ସ୍ପର୍ଶ ଶାସିତ ଜଲେଜର ପ୍ରାକ୍ତନ ରିଡର ଡ଼. ଅଶ୍ୱିନୀ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟ ଅବସରରେ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିବା ପୁଷ୍ପିତ କଳିକା ମାନଙ୍କୁ ସାଧୁବାଦ ଜଣାଇଥିଲେ । ପୂର୍ବ କାଳରେ ଉପନିଷଦ, ଗୁରୁକୁଳ ପରମ୍ପରା ପିଲାଙ୍କୁ ପ୍ରତିଷ୍ଠିତ କରିଥିଥିଲା ବୋଲି କହିଥିଲେ । ସୁନାଗରିକ ହେବାପାଇଁ ପ୍ରତେକ ପିଲାକୁ ସୁସଙ୍ଗ ଓ ସାଧୁସଂଗତ ର ଆବଶ୍ୟକତା ରହିଛି । ଏଥିସହ ପିଲାମାନେ ନିଷ୍ଠା, ସଂଯମତା ସହନଶୀଳତା, ଓ ସତୋଚତା ବଜାୟ ରଖିଲେ ଜୀବନରେ ସଫଳକାମୀ ହୋଇପାରିବେ ବୋଲି ଡ଼ ରାୟ କହିଥିଲେ । ଅବସରପ୍ରାପ୍ତ ସ୍କୁଲ ଡିଆଇ ଶ୍ରୀମତୀ ରଣ୍ଜିତା ରାଉତରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଉଦାହରଣ ଜରିଆରେ ସେ କହିଲେ ଯେ, ଦେଶର ଅଗ୍ରଗତି ପଛରେ ମା' ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁ ମାନଙ୍କ ଅଗ୍ରଗତି ପାଇଁ ଯତ୍ନ ଓ ପ୍ରେରଣା ଦରକାର । ମା' ମାନେହିଁ ସେମାନଙ୍କର ଉପଯୁକ୍ତ ଯତ୍ନ ନେଇ ସଫଳ ବ୍ୟକ୍ତିତ୍ୱ ଭାବେ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଡ଼ାଇସମଏସଆଇ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସଭାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଆଜିର ଶିଶୁ ଆଗାମୀ ଦିନର ଭାବିଷ୍ୟତ । ସେମାନଙ୍କ ସ୍ୱପ୍ନ, ଚିନ୍ତନ ଓ ଉଦ୍ୟମକୁ ସାକାର ରୂପ ଦେବାରେ ଅଭିଭାବକ ଓ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପିଲାମାନେ ନିଷ୍ଠାବାନ, ଆତ୍ମବିଶ୍ୱାସି ଓ ସମୟାନୁବର୍ତ୍ତିତ ହେଲେ, ଆହ୍ୱାନର ମୁକାବିଲା କରି ଜୀବନରେ ସଫଳ ହେବେ ବୋଲି କହିଥିଲେ। ପ୍ରାରମ୍ଭରେ ରେ ସ୍କୁଲ ର ପ୍ରିନସିପାଲ ଶ୍ରୀମତୀ ଶେଫାଲି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସ୍କୁଲ ପରିଚାଳନା କମିଟି ର ସେକ୍ରେଟାରୀ ଆଡ଼ଭୋକେଟ ଶରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ କାର୍ଯ୍ୟକ୍ରମକୁ ସୁଶ୍ରୀ ଶିଭାଙ୍ଗି ପଣ୍ଡା ଓ କମଳ ଲୋଚନ ଗାରୁ ସଂଯୋଜନା କରିଥିଲେ । ଉଚ୍ଚାତରୀ ଉତ୍ସବ ପରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହାପରେ ପିଲାମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ବହୁ ଛାତ୍ର ଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ବେବେନ୍ଦ୍ର ମହାଶୟ,ଶାଳିନୀ ପଣ୍ଡା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

ଜିଲ୍ଲାମଣ୍ଡଳସ୍ତରୀୟ କର୍ମୀ ସଂଗଠନର ବୈଠକ

ରାଉରକେଲା,୨୧/୧୨(ନି/ପ୍ର): ଜିଲ୍ଲାର ମଣ୍ଡଳସ୍ତରୀୟ ବୈଠକ ଆଜି ବିଜେପି ରାଉରକେଲା ସଂଗଠନିକ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ବିଜେପି ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସଭାନେତ୍ରୀ ପ୍ରବୀଣ ପ୍ରଦ୍ବଳକ ଜରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ସାମୁହିକ ବନ୍ଦେ ମାତରଂ ଗାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ନୂତନ ଜିଲ୍ଲା ପ୍ରଭାରୀ ବଟ କିଶୋର ମିଶ୍ର, ରାଜ୍ୟ ସମ୍ପାଦକ ରାମ ଚନ୍ଦ୍ର ହାଁସଦା ଓ ରାଜ୍ୟ ଅଳ୍ପ ସଂଖ୍ୟକ ମୋର୍ଚା ସଭାପତି ଗୁଡିନ୍ଦର ସିଂହ ପୁଷ୍ପ ଗୁଚ୍ଛ ଓ ଉତ୍କଳୀୟ ବେଶ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାନେତ୍ରୀ ତାଙ୍କ ସ୍ୱାଗତ ଭାଷଣରେ ସମସ୍ତଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ । ତାଙ୍କ ବକ୍ତବ୍ୟରେ ଏହି ବୈଠକର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯିବା ସହ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ ସମ୍ପାଦକ ରାମ ଚନ୍ଦ୍ର ହାଁସଦା ତାଙ୍କ ବକ୍ତବ୍ୟରେ ବିଜେପି ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଘର ଘର ବୁଲି ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ପ୍ରଭାରୀ ବଟ କିଶୋରେ ମିଶ୍ର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଉପସ୍ଥିତ ମଞ୍ଚକ ସଭାପତିଙ୍କ ଉପସ୍ଥାନ ନେଇଥିଲେ। ଏଥିସହିତ ପ୍ରତି ମଣ୍ଡଳରେ ଅସମ୍ପୂର୍ଣ୍ଣ କମିଟିଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ସଂଗଠନର ଜଣେ ସକ୍ରିୟ କର୍ମୀ ଭାବେ ନିଜକୁ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଜଣେ ଭାରତୀୟ ଜନତା ପାର୍ଟିର ବୀର ସୈନିକ ଏବଂ ଜନତାଙ୍କ ସେବାରେ ନିଜକୁ ନିୟୋଜିତ କରିବା ଓ ଜନତାଙ୍କ ବିଶ୍ୱାସଭାଜନ ହେବା, ନିଜର ପଦବୀ ଓ ଦାୟିତ୍ୱକୁ ସୁତାରୁ ରୂପେ ସମ୍ପାଦନା କରି ନେତୃତ୍ୱ ନେବାକୁ ଆଗେଇ ଆସିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରତି ତିନି ମାସରେ ଥରେ ଜିଲ୍ଲାରେ ମଣ୍ଡଳ ସ୍ତରୀୟ ବୈଠକ କରିବାପାଇଁ କହିଥିଲେ । ସଂଗଠନହି ଶକ୍ତି , ବିନା ସଙ୍ଗଠନରେ ଅଗ୍ରଣୀ ହୋଇପାରିବ ନାହିଁ। ଏଣୁ ସମସ୍ତେ କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ମୁଖପାତ୍ର ସଙ୍ଗାଧର ଦାଶ । ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳସୀନ ଥିଲେ ପ୍ରାକ୍ତନ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ , ରାଜ୍ୟ ଅଳ୍ପସଂଖ୍ୟକ ମୋର୍ଚା ସଭାପତି ଗୁଡିନ୍ଦର ସିଂ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଓ ବରିଷ୍ଠ ନେତା ରାଜେନ୍ଦ୍ର ସାହୁ। ଏହି କାର୍ଯ୍ୟକ୍ରମରେ ନାଗ୍ରା ତନ୍ତ୍ରୀ ସମାଜର ସଭାପତି ସରୋଜ ତନ୍ତ୍ରୀଙ୍କୁ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା ଉତ୍କଳୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତୃବୃନ୍ଦ, ମଣ୍ଡଳ ସଭାପତି ଓ ତାଙ୍କ କମିଟି ଓ ଉପସ୍ଥିତ କର୍ମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ପରିଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇ ବୈଠକ ସମାପ୍ତ କରାଯାଇଥିଲା ।

ବିବେକାନନ୍ଦ ଲୋକ ସଂସଦର ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ରାଉରକେଲା,୨୧/୧୨(ନି/ପ୍ର): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ସୁନ୍ଦରଗଡ଼ ଜିଲ୍ଲା ଶାଖା ଆନୁକୂଲ୍ୟରେ ସରସ୍ୱତୀ ବିଦ୍ୟା ମନ୍ଦିରରେ ଉଦ୍-ବୋଧନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଶିଶିର ପାଣି ସଭାପତିତ୍ୱ ଆସନ ଗ୍ରହଣ କରିଥିବାବେଳେ ଉବବୋଧନୀର ଜିଲ୍ଲା ସମ୍ପାଦକ ଶିକ୍ଷାବିତ ଆଲୋକ ଗଞ୍ଜନ ମଲ୍ଲିକ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତୁଲେନ୍ଦ୍ର ବାଣ ମୁଖ୍ୟବକ୍ତା ଆସନ ଅଳଙ୍କୃତ କରିଥିଲେ । ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ଶ୍ରୀ ମଲ୍ଲିକ ପ୍ରଥମେ ଆଜିର କାର୍ଯ୍ୟକ୍ରମ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ତତ୍ ପରେ ଅତିଥି ସ୍ୱାଗତ ଓ ପରିଚୟ ପ୍ରଦାନ ପରେ ପ୍ରଦୀପ ପ୍ରଜ୍ୱଳନ କରି ଆଜିର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସଭାପତିଙ୍କ ପ୍ରାରମ୍ଭିକ ବକ୍ତବ୍ୟ ପରେ ତିନି ଜଣ ଛାତ୍ର ଛାତ୍ରୀ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ଦାଶ ପିଲା ମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟଅତିଥିଙ୍କ ମୁଖ୍ୟ ବକ୍ତାଙ୍କ ଅଭିଭାଷଣ ପରେ ବରିଷ୍ଠ ଶିକ୍ଷକ ମଦନ ମୋହନ ଆରୁଖ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସମବେତ ବନ୍ଦେ ମାତରଂ ଗାନ କରାଯାଇଥିଲା ପରେ ସଭାପତି ସଭା ସାଙ୍ଗ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ପ୍ରାୟ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସାହିତ୍ୟ ସଭା

ବଲାଙ୍ଗିର,୨୧/୧୨(ନି/ପ୍ର): ସ୍ଥାନୀୟ ମହିଳା ମହାବିଦ୍ୟାଳୟ, ବଲାଙ୍ଗିର ର ସଭାଗୃହ ରେ ଏକ ସଭା ଶତାଧିକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାଟି ଛାତ୍ରୀମାନଙ୍କୁ ସାହିତ୍ୟ ରଚନା କବିତା, ପ୍ରବନ୍ଧ, କବିତା, ଗଳ୍ପ ଆଦି ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ କରାଯାଇଥିଲା । ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ରଣ୍ଜିତ ପାତ୍ର ଓ କୁସୁମିନି ପୃଷ୍ଟି । ସ୍ୱର ସଂଯୋଜନା କରିଥିଲେ ଶିବ ଦାଶ ଓ ବେବେନ ଜାଲ । ଏହି ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଡ. ଭବାନି ଶଙ୍କର ପଟେଲ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ ଡ. ଅରବିନ୍ଦ କୁମାର

ସେଲ, ଟେବୁଲ୍ ଟେନିସ୍ ଚମ୍ପିୟାନସିପ୍-୨୦୨୫ରେ ରାଉରକେଲା ଇସ୍ପାତ କାରଖାନା ଚମ୍ପିୟାନ

ରାଉରକେଲା,୨୧/୧୨(ନି/ପ୍ର): ରଣ୍ଡାର୍ ଷ୍ଟାଡିୟମରେ ଡିସେମ୍ବର ୨୦ ତାରିଖରେ ବହୁ ଉତ୍ସାହ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ସହିତ ଉଦଯାପିତ ହୋଇଥିବା ସେଲ୍ ଟେବୁଲ୍ ଟେନିସ୍ ଚମ୍ପିୟାନସିପ୍ -୨୦୨୫ର ପୁରୁଷ ବର୍ଗରେ ରାଉରକେଲା ଷ୍ଟିଲ୍ ପ୍ଲାଟ୍ (ଆରଏସପି) ଚମ୍ପିୟାନ୍ ହୋଇଛି